## ସଂକ୍ଷେପରେ

### ଜବରଦଖଲ ଉଚ୍ଛେଦ ପାଇଁ ତହସିଲଦାରଙ୍କୁ ଦାବିପତ୍ର

**ଜଳେଶ୍ୱର, ୨୦।୯(ଡି.ଏନ.ଏ.):** ସରକାରୀ ଜାଗା ଜବରଦଖଲ ଯୋଗୁ ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ବିଭିନ୍ନ ସରକାରୀ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଜଳେଶ୍ୱର ବ୍ଲକ ପଶ୍ଚିମବାର୍ଡ ପଞ୍ଚାୟତର ଜଣେ ବ୍ୟକ୍ତି ରାସ୍ତା ପାଖ ସରକାରୀ ଜାଗାକୁ ଜବରଦଖଲ କରି ରଖିଛନ୍ତି। ଏବେ ସେହି ରାସ୍ତା ଦେଇ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା କାର୍ଯ୍ୟକାରୀ ହେଉଥିବାରୁ ଜବରଦଖଲ ଯୋଗୁ ରାସ୍ତାକାମରେ ବାଧା ଉପୁଜିଛି। ଗ୍ରାମବାସୀ ଶୁକ୍ରବାର ଜବରଦଖଲ ଉଚ୍ଛେଦ ପାଇଁ ତହସିଲଦାରଙ୍କୁ ଦାବିପତ୍ର ଦେବା ସହ ରାସ୍ତା କାମ ତ୍ୱରାନ୍ୱିତ ପାଇଁ ଦାବି ଜଣାଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଗ୍ରାମର ବଂଶୀଧର ବାରିକ, ଲକ୍ଷ୍ମଣ କୁମାର ପାତ୍ର, ବଂଶୀଧର ଜେନା, ହରେକୃଷ୍ଣ ବାରିକ, ରାମଚନ୍ଦ୍ର ପାତ୍ର, ଅମୂଲ୍ୟ ମାଝି ଓ ଅନିତା ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ।

### ଏନଏସଏସ୍ କାର୍ଯ୍ୟକ୍ରମ ଅଧିକାରୀଙ୍କ କର୍ମଶାଳା

**ବାଲେଶ୍ୱର ଅଫିସ,୨୦।୯:** ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ବ୍ୟୁରୋ ଆନୁକୁଲ୍ୟରେ ବିଶ୍ୱବିଦ୍ୟାଳୟ ସ୍ତରୀୟ ଉପଦେଷ୍ଟା ମଣ୍ଡଳୀ ବୈଠକ ଓ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀଙ୍କ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ବାଲେଶ୍ୱର ଓ ଭଦ୍ରକ ଜିଲାର ବିଭିନ୍ନ ମହାବିଦ୍ୟାଳୟର ୮୦ଜଣ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଯୋଗ ଦେଇଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମଧୁମିତା ଦାସ ଏଥିରେ ଅଧକ୍ଷତା କରିଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମର ସଂଯୋଜକ ଡଃ. ପବିତ୍ର ମୋହନ ନାୟକ ଅତିଥି ପରିଚୟ କରି ସ୍ୱାଗତ ଭାଷଣ ଦେଇଥିଲେ। ଆଞ୍ଚଳିକ ନିର୍ଦ୍ଦେଶକ ସରିତା ପଟେଲ ,ରାଜ୍ୟ ଯୋଜନା ଅଧିକାରୀ ସୁରେଖା ସୁନ୍ଦରୀ ସ୍ୱାଇଁ, କୁଳସଚିବ ଅମର ସିଂ ସୋରେନ୍ ଓ ବିତ୍ତ ନିୟନ୍ତ୍ରକ ମାନସ କୁମାର ପାତ୍ର ପ୍ରମୁଖ ଯୋଗଦେଇ ଜାତୀୟ ସେବା ଯୋଜନାର ଆଭିମୁଖ୍ୟ ଓ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଆଗାମୀ ଦିନରେ ପୋଷଣ ଅଭିଯାନ ସୁବର୍ଣ୍ଣ ଜୟନ୍ତୀ, ଜଳ ଶକ୍ତି ମିଶନ, ମହାତ୍ମା ଗାନ୍ଧୀ ୧୫୦ ତମ ଜୟନ୍ତୀ ପାଳନ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯିବାର ନିଷ୍ପତ୍ତି ନିଆଯାଇଛି। ପ୍ରଫେସର ବିଷ୍ଣୁପ୍ରସାଦ ଦାଶ, ଡଃ.ନିହାର ରଞ୍ଜନ ରାଉତ, ଡଃ. ମହେଶ କୁମାର ବିଶ୍ୱାଳ, ପ୍ରଶାନ୍ତ କୁମାର ରାଉତ, ମଞ୍ଜୁଶ୍ରୀ ପଣ୍ଡା, ଡଃ ସିପ୍ରା ସାଗରିକା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର କର୍ମକର୍ତ୍ତାମାନେ ସହଯୋଗ କରିଥିବା ବେଳେ ପ୍ରୋଗ୍ରାମ ଅଫିସର ଡଃ. ଦେବଦତ୍ତ ଦାସ ଧନ୍ୟବାଦ ଦେଇଥିଲେ।

### ସୋର ଟ୍ରକ୍ ମାଲିକ ସଂଘର ବନ୍ଧୁ ମିଳନ

**ସୋର, ୨୦।୯(ଡି.ଏନ.ଏ.):** ସୋର ଟ୍ରକ ମାଲିକ ସଂଘ ସଭାଗୃହରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶୁକ୍ରବାର ସଂଘର ସଭାପତି ସ୍ମୃତି ରଞ୍ଜନ ମହାନ୍ତି, ସମ୍ପାଦକ ଶ୍ରୀଧର ଦେ କର୍ମକର୍ତ୍ତାମାନଙ୍କୁ ସ୍ୱାଗତ କରିବା ସହିତ ଶୃଙ୍ଖଳିତ ଭାବେ ଟ୍ରକ୍ ପରିବହନ କାର୍ଯ୍ୟ ପରିଚାଳନା ସଂକ୍ରାନ୍ତରେ ଆଲୋଚନା କରିଥିଲେ। ସଂଘର ଉପସଭାପତି ଦୟାନିଧି ଜେନା, ଜିଲାପରିଷଦ ସଭ୍ୟ କମଳାକାନ୍ତ ଘଡାଇ, ମହୁମୁହାଣ ସମିତିସଭ୍ୟ ଭ୍ରମରବର ନାୟକ, ସହସମ୍ପାଦକ ଲୋକନାଥ ରାଉତ, କୋଷାଧ୍ୟକ୍ଷ ଅମର କୁମାର ଜେନା, ଉପଦେଷ୍ଟା ରମାନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଖାଦାନ ମାଲିକ ସଂଘର ସମ୍ପାଦକ ଅଖିଳରାମ ଜେନା, ମୀନକେତନ ଦାସମହାପାତ୍ର, ବସନ୍ତ ନାୟକ, ସେକ୍ ଚୁନୁ, ସେକ୍ ମୁନା, ସେକ ବିଟୁ, ସୁଦର୍ଶନ ବେହେରା, ଉମେଶ ନାୟକ, ଚିତ୍ତରଂଜନ ଜେନା, ବିଶ୍ୱେଶର ଜେନା, ସେକ ଅନୱାର, ଉମାକାନ୍ତ ମହାନ୍ତି, ପ୍ରଭାତ ମହାନ୍ତି, ସେରଗଡ଼ ଟୋଲଗେଟ୍ ମାଲିକ ଏବଂ କର୍ମଚାରୀ ଯୋଗଦେଇଥିଲେ।

# ଚାଷୀଙ୍କୁ ମିଳୁନି କୃଷି ଋଣ

## ୧୪ ସେବା ସମିତିରେ ଅବ୍ୟବସ୍ଥା

**ଖଇରା, ୨୦।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭଦ୍ରକ-ବାଲେଶ୍ୱର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଖଇରା ଶାଖାରେ କର୍ମଚାରୀ ଅଭାବ ଯୋଗୁ ୧୪ ସେବା ସମବାୟ ସମିତିର ୨ଶହରୁ ଉର୍ଦ୍ଧ ଚାଷୀଙ୍କର ଋଣ ଫାଇଲ ଅଟକି ରହିଛି। ବର୍ତ୍ତମାନ ଚାଷ କାମ ଜୋରସୋରରେ ଚାଲିଥିବା ବେଳେ ଋଣ ଚିନ୍ତା ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି। ତୁରନ୍ତ ଅଧିକାରୀମାନେ ଋଣ ପ୍ରଦାନ ବ୍ୟବସ୍ଥା ଲାଗି ପଦକ୍ଷେପ ନ ନେଲେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

ଖଇରା ସମବାୟ ବ୍ୟାଙ୍କ ଶାଖା ଅଧୀନରେ ୧୪ଟି ସମିତି ମାଧ୍ୟମରେ ଅନ୍ୟୁନ ୨ଶହ ଚାଷୀ ୬ମାସ ତଳୁ ଋଣ ପାଇଁ ଆବଶ୍ୟକ କାଗଜପତ୍ର ପ୍ରଦାନ କରିଥିଲେ। ଏଥିମଧ୍ୟରେ ଅନେକ ଚାଷୀଙ୍କ ବ୍ୟକ୍ତିଗତ ଫାଇଲ ରହିଥିବା ବେଳେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କର ଫାଇଲ ମଧ୍ୟ ରହିଛି। ହେଲେ ଷ୍ଟାଫ ନ ଥିବା କାରଣ ଦର୍ଶାଇ ବ୍ୟାଙ୍କ କର୍ତ୍ତୃପକ୍ଷ ଏହି ଫାଇଲ ପାସ୍ କରୁନାହାନ୍ତି। ଫଳରେ ଚାଷୀମାନେ ସାର ଟିକିଏ କିଣି ନ ପାରି ହନ୍ତସନ୍ତ ହେଉଛନ୍ତି। ଚାଷୀମାନେ ଉଭୟ ସମିତି ଓ ବ୍ୟାଙ୍କ ଶାଖାକୁ ବାରମ୍ବାର ଦୌଡି ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଚାଷୀଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱତନ୍ତ୍ର ଅନୁଦାନ ଦେଉଥିବା ନେଇ ଭାଷଣବାଜି ମାରୁଥିବା ବେଳେ ୬ମାସ ଧରି ଚାଷୀଙ୍କ ଦୁର୍ଦ୍ଦଶା କାହାରି ଆଖିକୁ ଦେଖା ନ ଯିବା ଦୁଃଖଦାୟକ ବୋଲି ଗଡପୋଖରୀ ଗ୍ରାମର ଚାଷୀ ବିଶ୍ୱନାଥ ମହାପାତ୍ର କହିଛନ୍ତି। ବ୍ୟାଙ୍କରେ ସମସ୍ତ ଫାଇଲ ମାସ ମାସ ଧରି ପଡିରହିଛି। ପରିଚାଳକଙ୍କୁ ବାରମ୍ବାର ଅବଗତ କରାଯାଉଥିଲେ ମଧ୍ୟ କିଛି ପ୍ରତିକାର କରାଯାଉ ନ ଥିବା ନେଇ ବିଭିନ୍ନ ସମିତିର ସମ୍ପାଦକ କ୍ଷୋଭର ସହ କହିଛନ୍ତି। ଏ ସମ୍ପର୍କରେ ଶାଖା ପରିଚାଳକ ସଞ୍ଜୟ ମହାନ୍ତିଙ୍କୁ ଯୋଗାଯୋଗ କରିବାରେ ବ୍ୟାଙ୍କରେ ଷ୍ଟାଫ କମ୍ ଥିବାରୁ ଫାଇଲ ପ୍ରୋସେସିଂ ହୋଇପାରୁନାହିଁ। ଏ ବିଷୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। କର୍ମଚାରୀ ଆସିବା ପରେ ଏ ସମସ୍ୟାର ସମାଧାନ ହୋଇପାରିବ ବୋଲି କହିଛନ୍ତି। ସମବାୟ ବ୍ୟାଙ୍କର ଜିଲା ଅତିରିକ୍ତ ପରିଚାଳକ ଜଳଧର ପଣ୍ଡାଙ୍କୁ ଏ ଅସୁବିଧା ସମ୍ପର୍କରେ ଯୋଗାଯୋଗ କରିବାରେ ସେ ଶାଖା ପରିଚାଳକଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।



ବିଷ୍ଣୁପୁର ଗ୍ରାମରେ ଅନୁଷ୍ଠିତ ମହିଳାମାନଙ୍କ ବୈଠକ।

## ■ ସହାୟିକା ଚୟନରେ ଅନିୟମିତତା ଘଟଣା

# ତଦନ୍ତ କଲେ ଏବିଡିଓ, ଏସ୍‌ଡିପିଓ

**ବାହାନଗା, ୨୦।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ବିଷ୍ଣୁପୁର ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରେ ଗତ ମାସ ୨୯ ତାରିଖରେ ସହାୟିକା ଚୟନ ବେଳେ ମହିଳାମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାର ତଦନ୍ତ ଲାଗି ଗୁରୁବାର ଏବିଡିଓ ଓ ଏସ୍‌ଡିପିଓ ଗ୍ରାମକୁ ଆସି ମହିଳାଙ୍କ ସଭାରେ ଯୋଗଦେବା ସହ ଅଭିଯୋଗ ଗ୍ରହଣ କରିଥିଲେ। ତେବେ ୭ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଉପଜିଲାପାଳଙ୍କଠାରେ ଦାଖଲ ହେବା ପରେ ସେ ଯାହା ନିଷ୍ପତ୍ତି ନେବେ ବୋଲି ତଦନ୍ତ ଅଧିକାରୀ ଜଣାଇଛନ୍ତି। ଏ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି।

ବିଷ୍ଣୁପୁର ଗ୍ରାମର ଅଙ୍ଗନୱାଡି କେନ୍ଦ୍ର-୧ର ସହାୟିକା ଭାବେ ସିଡିପିଓ ବାସନ୍ତୀ ମଇ ମହିଳା ଗ୍ରାମସଭାରେ ବିଧବା ଅନ୍ନପୂର୍ଣ୍ଣା ବେହେରାଙ୍କୁ ବାଛିଥିଲେ। ତେବେ ସେ ଜଣେ ସ୍ୱଚ୍ଛଳ ପରିବାରର ହୋଇଥିବାରୁ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଜଣେ ଅବିବାହିତା ଓ ଅସହାୟ ଗରିବ ମହିଳା ସସ୍ମିତା ବେହେରାଙ୍କୁ ସହାୟିକା ନିଯୁକ୍ତି ଦେବା ପାଇଁ ଗ୍ରାମବାସୀ ଦାବି କରିଥିଲେ। ସିଡିପିଓ ବିଧବା ମହିଳାଙ୍କୁ ଚୟନ କରିବା ଯୋଗୁ ଗ୍ରାମରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ଘଟଣାକୁ କେନ୍ଦ୍ର କରି ଗତ ମାସ ୨୯ତାରିଖରେ ଗ୍ରାମର ମହିଳାମାନେ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇ ଦେଇଥିଲେ। ଏହାପରେ ଚଳିତମାସ ୧୬ତାରିଖରେ ମହିଳାମାନେ ସିଡିପିଓ ଅଫିସ ଘେରାଉ କରିଥିଲେ। ବିଡିଓ ଓ ଉପଜିଲାପାଳ ପୁନଃ ତଦନ୍ତ କରାଯିବା ସହିତ ଚୟନ ହୋଇଥିବା ସହାୟିକା ନିଯୁକ୍ତିକୁ ବାତିଲ କରାଯିବ ବୋଲି ମହିଳାମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ମହିଳାମାନେ ଘେରାଉରୁ ଓହରିଥିଲେ। ତଦନ୍ତ ସମୟରେ ଉପଜିଲାପାଳ, ବିଡିଓ, ସିଡିପିଓ, ଜିଲାପାଳ ପ୍ରମୁଖ ଉପସ୍ଥିତ ରହିବେ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ କେହି ନ ଆସି କେବଳ ଏବିଡିଓ ମାନସ କୁମାର ଚୌଧୁରୀ, ଏସ୍‌ଡିପିଓ ନାରାୟଣ ଚନ୍ଦ୍ର ବେହେରା ଆସି ତଦନ୍ତ କରିଛନ୍ତି। ସରପଞ୍ଚ ଗଣେଶ୍ୱର ତ୍ରିପାଠୀ, ସମିତିସଭ୍ୟ ସାଧବ ଚନ୍ଦ୍ର ପରିଡାଙ୍କ ସମେତ ଗ୍ରାମର ଦାମୋଦର ତ୍ରିପାଠୀ ଉପସ୍ଥିତ ରହି ତଦନ୍ତରେ ସହାୟତା କରିଥିଲେ। ମାତ୍ର ବିଡିଓ କି ଉପଜିଲାପାଳ କେହି ତଦନ୍ତ କରିବାକୁ ଆସି ନ ଥିବାରୁ ମହିଳାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା।

ତଦନ୍ତ ସମୟରେ ଗ୍ରାମର ମାତୃକମିଟି ସଦସ୍ୟା ତିଳୋତ୍ତମା ବେହେରା, ମଞ୍ଜୁଲତା ପାଣିଗ୍ରାହୀ, ନିର୍ମଳା ବେହେରା, ଶ୍ୟାମସୁନ୍ଦର ସାହୁ, ସଭାପତି ଶତ୍ରୁଘ୍ନ ପାଣିଗ୍ରାହୀ, ସଞ୍ଜୁଲତା ବେହେରା, ମମତା ବେହେରା, ତାପସୀଲତା ବେହେରାଙ୍କ ସମେତ ଗ୍ରାମର ମହିଳା ରଜନୀ ପାଣିଗ୍ରାହୀ, ସାବିତ୍ରୀ ବେହେରା, ବାସନ୍ତୀ ଦାସ, ପ୍ରଜ୍ଞାପରିମିତା ପାଣିଗ୍ରାହୀ, ଶାନ୍ତିଲତା ଦାସ, ଗୌରୀ ଦାସ, ଲିଜା ଦାସ, ଜଞ୍ଜାଳୀ ପାଢ଼ୀ, ବାସନ୍ତୀ ବେହେରା, ସୁଶୀଳା ଦାସ ଓ କୁନ୍ତଳା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ତିନି ମେଧାବୀ ଛାତ୍ରୀଛାତ୍ରଙ୍କୁ ସହାୟତା

**ବାଲେଶ୍ୱର ଅଫିସ,୨୦।୯**

ବିଜୁ ଶିଶୁ ଶ୍ରମିକ ସୁରକ୍ଷା ଯୋଜନାରେ ତିନି ମେଧାବୀଙ୍କୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଶୁକ୍ରବାର ଅପରାହ୍ନରେ ସହାୟତା ପ୍ରଦାନ କରିଛନ୍ତି। ଜିଲାର ଶିଶୁ ଯତ୍ନ ଗୃହ ଅଧୀନରେ ଥିବା ରାମଚନ୍ଦ୍ର ସିଂ, ସଲମା ହାସଁଦା ଓ ଫୁଲମଣି ହେମ୍ବ୍ରମଙ୍କୁ ପାଠପଢ଼ା ବୃତ୍ତି ପ୍ରଦାନ କରାଯାଇଛି। ଏହି ୩ ମେଧାବୀଙ୍କୁ ୨୦ ହଜାର ଟଙ୍କା ଲେଖାଏଁ ଚେକ୍ ଦିଆଯାଇଛି। ମେଧାବୀଙ୍କୁ ସହାୟତା ପ୍ରଦାନ ସମୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଯୁବକ ମାଝି ଉପସ୍ଥିତ ଥିଲେ। ସୂଚନାଥାଉ କି, ଉକ୍ତ ୩ ମେଧାବୀ ଛାତ୍ର ୨୦୧୮-୧୯ରେ ମାଟ୍ରିକ ପାସ୍ କରିଛନ୍ତି। ୧୮ବର୍ଷ ବୟସ ହେବା ପର୍ଯ୍ୟନ୍ତ ସେମାନେ ଶିଶୁ ଯତ୍ନ ଗୃହ ପରିସରରେ ରହି ଶିକ୍ଷାଗ୍ରହଣ କରିପାରିବାର ବ୍ୟବସ୍ଥା ରହିଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି।



ସଚେତନତା ରଥକୁ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ ଶୁଭାରମ୍ଭ କରୁଛନ୍ତି।

## ବିଶ୍ୱ ହୃତପିଣ୍ଡ ଦିବସ ଉପଲକ୍ଷେ ଗଡିଲା ସଚେତନତା ରଥ

# ୧୦୦ରୁ ଉର୍ଦ୍ଧ୍ୱ ହୃଦ୍‌ରୋଗୀଙ୍କୁ ଚିକିତ୍ସା

**ବାଲେଶ୍ୱର ଅଫିସ,୨୦।୯**

'ବିଶ୍ୱ ହୃତପିଣ୍ଡ ଦିବସ' ପାଳନ ଅବ୍ୟବହିତ ପୂର୍ବର ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍‌ପିଟାଲ ପକ୍ଷରୁ ଆରମ୍ଭ ହୋଇଥିବା ହୃଦ୍‌ରୋଗ ସଚେତନତା ରଥ ସମଗ୍ର ଓଡିଶା ପରିକ୍ରମା କରୁଛି। ଏହି ପରିପ୍ରେକ୍ଷୀରେ ରଥ ଶୁକ୍ରବାର ବାଲେଶ୍ୱରରେ ପହଞ୍ଚିଛି। ବାଲେଶ୍ୱର ସହର ଗଡଗଡିଆ ଛକ ନିକଟରେ ଥିବା ଶାଖା କ୍ଲିନିକ ପକ୍ଷରୁ ଏହି ରଥକୁ ସ୍ୱାଗତ କରାଯାଇଥିଲା। ବାଲେଶ୍ୱର ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଅଭିଯାନକୁ ପତକା ଦେଖାଇ ଶୁଭାରମ୍ଭ କରିଥିଲେ।

ସେପ୍ଟେମ୍ବର ୨୯ ତାରିଖରେ ପାଳନ ହେବ 'ବିଶ୍ୱ ହୃତପିଣ୍ଡ ଦିବସ'। ଏହି ଅବସରରେ ଓଡିଶାବାସୀଙ୍କୁ ସଚେତନ କରିବା ପାଇଁ ସେପ୍ଟେମ୍ବର ୧୮ତାରିଖରୁ ଭୁବନେଶ୍ୱରରୁ ବାହାରିଥିବା ସଚେତନତା ରଥ କଟକ, ଜଗତସିଂହପୁର, ପାରାଦ୍ୱୀପ, କେନ୍ଦ୍ରାପଡା, ଢୁବୁରୀ, ଯାଜପୁର, ଭଦ୍ରକ ଆଦି ସ୍ଥାନ ଅତିକ୍ରମ କରି ବାଲେଶ୍ୱରରେ ପହଞ୍ଚିଥିବା ସୂଚନା ଦିଆଯାଇଥିଲା। ରଥ ମୋଟ ୩୫୦୦ କି.ମି. ଅତିକ୍ରମ ସହ ପୁରୀ ଦେଇ ଭୁବନେଶ୍ୱରଠାରେ ୨୯ ତାରିଖରେ ଅଭିଯାନ ଶେଷ କରିବ। ଏହା ମଧ୍ୟରେ ବାଲେଶ୍ୱର, ଝାରସୁଗୁଡା, ରାଉରକେଲା, ବ୍ରହ୍ମପୁର ଓ ପୁରୀରେ ଥିବା ଆପୋଲୋ କ୍ଲିନିକ ଓ ଅନ୍ୟାନ୍ୟ ସ୍ଥାନରେ କ୍ୟାମ୍ପ ମାଧ୍ୟମରେ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଛି। ବାଲେଶ୍ୱର ଆପୋଲୋ କ୍ଲିନିକଠାରେ ଲାୟନ୍ସ କ୍ଲବ ଏମ୍ପାୱାର ସହଯୋଗରେ ଏକ ନିଶୁଳ୍କ ହାର୍ଟ ଚେକଅପ କ୍ୟାମ୍ପ ଆୟୋଜିତ ହୋଇଥିଲା। ଭୁବନେଶ୍ୱର ଆପୋଲୋ ହସ୍‌ପିଟାଲର ଡାକ୍ତର ଗୋବିନ୍ଦ ପ୍ରସାଦ ନାୟକ ଉପସ୍ଥିତ ରହି ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବାଲେଶ୍ୱର ଶାଖା କ୍ଲିନିକର ନିର୍ଦ୍ଦେଶକ ଅଭିଷେକ ନନ୍ଦୀ, ନିର୍ଦ୍ଦେଶିକା ଶୁଭ୍ରା ନନ୍ଦୀ, ଲାୟନ୍ସ କ୍ଲବ ଏମ୍ପାୱାରର ସଭାପତି ମିତା ମାନ୍ନା ପ୍ରମୁଖ ଉପସ୍ଥିତ ରହି ହାର୍ଟ ଚେକଅପ କ୍ୟାମ୍ପ ପରିଚାଳନା କରିଥିଲେ। ୧୦୦ରୁ ଉର୍ଦ୍ଧ ହାର୍ଟ ରୋଗୀଙ୍କ ମାଗଣା ଚିକିତ୍ସା ହୋଇଥିବା ବେଳେ କ୍ଲିନିକର ସମସ୍ତ କର୍ମଚାରୀ ଉପସ୍ଥିତ ରହି କ୍ୟାମ୍ପ ପରିଚାଳନାରେ ସହଯୋଗ କରିଥିଲେ।

### ଘର ଭାଙ୍ଗିବା ନେଇ ଉତ୍ତେଜନା

**ସୋର, ୨୦।୯(ଡି.ଏନ.ଏ.):** ସୋର ଥାନା ସୁଲତାନ୍‌ପୁର ଗ୍ରାମରେ ଜଣେ ବ୍ୟକ୍ତି ସରକାରୀ ଜାଗାରେ କରିଥିବା ଘରକୁ ଭାଙ୍ଗି ଦିଆଯିବା ସହ ତାଙ୍କ ସ୍ତ୍ରୀଙ୍କୁ ମାଡ ମରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ବିନୋଦ ଖୁଣ୍ଟିଆ ସରକାରୀ ଜାଗାରେ ଅସ୍ଥାୟୀ ଘର କରି ପରିବାର ସହ ରହୁଥିଲେ। ଗ୍ରାମର କେତେକ ଲୋକ ଏହାକୁ ବିରୋଧ କରିଥିଲେ। ବିନୋଦ ନ ଶୁଣିବାରୁ କେତେକ ଲୋକେ ମାରଣାସ୍ତ୍ର ଧରି ତାଙ୍କୁ ଆକ୍ରମଣ କରିବା ସହ ତାଙ୍କ ସ୍ତ୍ରୀଙ୍କୁ ଗାଳିଗୁଲଜ କରି ମାଡ ମାରି ଆହତ କରିଥିଲେ। ବିନୋଦଙ୍କ ସ୍ତ୍ରୀ ବେବି ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ବିନୋଦଙ୍କ ନାମରେ ମଧ୍ୟ ପାଲଟା ଅଭିଯୋଗ ହୋଇଛି। ଉଭୟପକ୍ଷଙ୍କ ଅଭିଯୋଗକ୍ରମେ ପୃଥକ ମାମଲା(ନଂ. ୪୨୮, ୪୨୯/୧୯) ରୁଜୁ କରାଯାଇଛି।



ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ସଫେଇ କରାଯାଉଛି।

## ପ୍ଲାଷ୍ଟିକ ବର୍ଜନ, ଜଳ ସଂରକ୍ଷଣ ପାଇଁ ସଚେତନତା

**ଖଇରା,୨୦।୯(ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ସପ୍ତାହକୁ ଭାଜପା ପକ୍ଷରୁ ସେବା ସପ୍ତାହ ରୂପେ ପାଳନ କରାଯାଉଛି। ଖଇରା ବ୍ଲକ୍‌ରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପାର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସଫେଇ କରିବା ପରେ ରୋଗୀମାନଙ୍କୁ ଫଳ ଓ ବେଡସିଟ ବିତରଣ କରିଥିଲେ। ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା ପ୍ରଭାକର ମିଶ୍ର ଉପସ୍ଥିତ ଥିଲେ। ପରେ ମୋଦୀଙ୍କ ଦୀର୍ଘ ନିରାମୟ ଜୀବନ କାମନା କରାଯାଇ ହନୁମାନ ମନ୍ଦିରରେ ୬୯ଟି ଦୀପ ପ୍ରଜ୍ୱଳନ କରାଯାଇ ଦିବ୍ୟାଙ୍ଗ ଓ ଅସହାୟମାନଙ୍କୁ ଶାଢୀ ଓ ଧୋତି ବଣ୍ଟନ କରାଯାଇଥିଲା। ଏଥିସହ ବ୍ୟବହୃତ ପ୍ଲାଷ୍ଟିକ ବର୍ଜନ ଓ ଜଳ ସଂରକ୍ଷଣ ପାଇଁ ଉପସ୍ଥିତ ଭାଜପା କର୍ମୀଙ୍କୁ ସଚେତନ କରାଯାଇଥିଲା। ଦିବସବ୍ୟାପି କାର୍ଯ୍ୟକ୍ରମରେ ଗଜେନ୍ଦ୍ର ପ୍ରସାଦ ଦାସ, ପତିତପାବନ କର, ପରିକ୍ଷିତ ମହାପାତ୍ର, ରାଜୁ ରାଉତ, ରମାକାନ୍ତ ଦାସ, ହୃଦୟ ବେହେରା, ଡମ୍ବରୁଧର ମହାନ୍ତି, ଶୁକ ଜେନା, ବେଣୁମାଧବ ପଣ୍ଡା, ବସନ୍ତ ବିଶ୍ୱାଳ, ସନ୍ତୋଷ ଶତପଥି, ନିରଞ୍ଜନ ବେହେରା, ଗୌରି ମହାପାତ୍ର, ଉପେନ୍ଦ୍ର ରାଉତ, ଗୋବର୍ଦ୍ଧନ ପାଇକରାୟ, କୈଳାସ ମାଝି, ଶକର୍ଷଣ ମାଝି, ବାବୁ ମହାପାତ୍ର, ଭଗବାନ ମହାନ୍ତି ପ୍ରମୁଖ ଭାଜପା ନେତା ଉପସ୍ଥିତ ଥିଲେ।

## ■ ସିପିଏମର ଜିଲା କର୍ମୀ ସମ୍ମିଳନୀ

# ଏକଜୁଟ୍ ହେବାକୁ କର୍ମୀଙ୍କୁ ଆହ୍ୱାନ

**ବାଲେଶ୍ୱର ଅଫିସ,୨୦।୯**

ବାଲେଶ୍ୱରସ୍ଥିତ ନୂଆବଜାରସ୍ଥିତ ଶ୍ରମିକ ଭବନ ପରିସରରେ ସିପିଏମର ଜିଲାସ୍ତରୀୟ କର୍ମୀ ସମ୍ମିଳନୀ ଶୁକ୍ରବାର ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସେପ୍ଟେମ୍ବର ୨୨ରୁ ଅକ୍ଟୋବର ୨୨ ଏକ ମାସ ବ୍ୟାପୀ ଦେଶର ଅର୍ଥନୈତିକ ମାନ୍ଦାବସ୍ଥା, ବେକାରୀ ବୃଦ୍ଧି, ବିଜେଡ଼ି ସରକାରଙ୍କ କାଳିଆ ଯୋଜନା ପ୍ରହସନ ଆଦି ଅନେକ ବିଷୟର ପ୍ରତିବାଦ ପୂର୍ବକ ସିପିଏମ ପକ୍ଷରୁ ଘରକୁ ଘର ବୁଲି ପ୍ରଚାର ଅଭିଯାନ କରାଯିବାର ନିଷ୍ପତ୍ତି ନିଆଯାଇଛି।

ବିଶିଷ୍ଟ ବାମପନ୍ଥୀ ନେତା ଜନାର୍ଦ୍ଦନ ପତି ସମ୍ମିଳନୀକୁ ଉଦ୍‌ଘାଟନ କରି ବାମପନ୍ଥୀଙ୍କ ନିମନ୍ତେ ଆଜି ଏକ ବିରାଟ ଚ୍ୟାଲେଞ୍ଜ ଆସିଛି। ଦେଶର ଅର୍ଥନୀତି ରସାତଳକୁ ଯାଉଥିବାବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବାହାସ୍ଫୋଟ ମାରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବିଷୟ ବୋଲି କହିଥିଲେ। ରାଜ୍ୟ ବିଧାନସଭା ଏବେ ଭାଜପା ବିଜେଡ଼ି ଶାସନରେ ଚାଲିବାର ଆକଳନ କରାଯାଉଛି। ଏହାର ମୁକାବିଲା ପାଇଁ ଆଗାମୀ ଦିନରେ ବାମପନ୍ଥୀ କର୍ମୀମାନେ ଏକଜୁଟ୍ ହେବାକୁ ସେ ଆହ୍ୱାନ ଦେଇଥିଲେ। ଜିଲା କର୍ମୀ ସମ୍ମିଳନୀରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ନିର୍ମଳ ନାୟକ ବିଜେଡ଼ି ସରକାରରେ କାଳିଆ ଯୋଜନା ନାଁରେ ଚାଷୀଙ୍କୁ ହଟହଟା ଉପରେ ବର୍ଣ୍ଣନା କରିଥିଲେ। ଜିଲା ସମ୍ପାଦକ ଶିଶିର ହୁଇ ଆଗାମୀ ଦିନରେ ବାମପନ୍ଥୀଙ୍କ ବିଭିନ୍ନ ସମସ୍ୟା ଉପରେ ଆନ୍ଦୋଳନ ପାଇଁ ପ୍ରସ୍ତୁତି ସମ୍ପର୍କରେ ବଖାଣିଥିଲେ। ସମ୍ମିଳନୀରେ ଜିଲା କମିଟି ପକ୍ଷରୁ ସୀତାଂଶୁ ସେନାପତି, ପ୍ରେମରଞ୍ଜନ ପାତ୍ର, ବିଜୟ ପାତ୍ର, ଦିପ୍ତୀମାନ ଆଚାର୍ଯ୍ୟ ପ୍ରମୁଖ ବହୁ ବାମପନ୍ଥୀ ସମର୍ଥକ ଆଲୋଚନାରେ ଭାଗ ନେଇଥିଲେ।



ଜିଲା କର୍ମୀ ସମ୍ମିଳନୀରେ ମଞ୍ଚାସୀନ ନେତୃମଣ୍ଡଳୀ।

## ■ ଦୁର୍ଗାପୂଜା ଉପଲକ୍ଷେ ଶାନ୍ତି କମିଟି ବୈଠକ

# ଶବ୍ଦ ପ୍ରଦୂଷଣ ଉପରେ ଲାଗିବ ଲଗାମ

**ବାଲେଶ୍ୱର ଅଫିସ, ୨୦।୯**

### ପୂଜା ମଣ୍ଡପରେ ଅଗ୍ନି ନିର୍ବାପକ ଯନ୍ତ୍ର ଲଗାଇବାକୁ ପରାମର୍ଶ




ବୈଠକରେ ଏସ୍‌ପି ଓ ଅନ୍ୟ ଅଧିକାରୀ।

ଚଳିତବର୍ଷ ଶାରଦୀୟ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାରେ ପାଳନ କରିବା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ଏକ ଶାନ୍ତି କମିଟି ବୈଠକ ଶୁକ୍ରବାର ସ୍ଥାନୀୟ ଗାନ୍ଧୀସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସମ୍ବିତ ନାୟକ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାର, ପୂର୍ବତନ ବିଧାୟକ ଅରୁଣ ଦେ, ଗୋପନାରାୟଣ ଦେ, ସଦର ବିଧାୟକ ପ୍ରତିନିଧି ଗୌରାଙ୍ଗ ଦାସ, ଉପଜିଲାପାଳ ନିଲୁ ମହାପାତ୍ର, ଜିଲା ସୂଚନା ଅଧିକାରୀ ସୁବାସ ନିହାଲଙ୍କ ସମେତ ବିଭିନ୍ନ ପୂଜା କମିଟିର ସଦସ୍ୟମାନେ ଯୋଗଦେଇ ସେମାନଙ୍କ ମତାମତ ରଖିଥିଲେ। ଦୁର୍ଗାପୂଜା ଲାଗି ବାଲେଶ୍ୱର ସହରରେ ପ୍ରାୟ ୭୨ରୁ ଉର୍ଦ୍ଧ୍ୱ ମେଢ ନିର୍ମିତ ହେବାକୁ ଥିବା ବେଳେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ମହାଷଷ୍ଠୀ ପୂଜା ଅକ୍ଟୋବର ୪ତାରିଖରେ ଆରମ୍ଭ ହେବ। ୮ ତାରିଖରେ ଦଶହରା ପୂଜା ସହ ୭ ତାରିଖରେ ସ୍ଥାନୀୟ ଆଇଟିଆଇ ପଡିଆରେ ରାବଣପୋଡି ଉତ୍ସବ ଅନୁଷ୍ଠିତ ହେବ। ୯ତାରିଖରେ ଭସାଣି ଯାତ୍ରା ଓ ବାଲେଶ୍ୱରର ପ୍ରସିଦ୍ଧ ପାରମ୍ପରିକ ବାଡ଼ିଖେଳ ଅନୁଷ୍ଠିତ ହେବ, ଯେଉଁଥିରେ ବିଭିନ୍ନ ଆଖଡା ଦଳ ଅଂଶଗ୍ରହଣ କରିବେ। ଭସାଣି ଯାତ୍ରା ସକାଳ ୮ଟାରୁ ଆରମ୍ଭ ହୋଇ ରାତି ୧୦ଟା ସୁଦ୍ଧା ସରିବ। ବାଡି ଖେଳରେ ଯେପରି ତୀକ୍ଷ୍ଣ ଧାରଯୁକ୍ତ ଖଣ୍ଡା, ଅସ୍ତ୍ରଶସ୍ତ୍ର ବ୍ୟବହାର ନ ହୁଏ ସେଥିପାଇଁ କମିଟିଗୁଡିକ ଯତ୍ନବାନ ହେବା ସହ ପୋଲିସ ତନଖି କରିବାକୁ ସିଦ୍ଧାନ୍ତ ହୋଇଛି। ଆଇନଶୃଙ୍ଖଳା ଏବଂ ଟ୍ରାଫିକ ପରିଚାଳନାକୁ ସୁବ୍ୟବସ୍ଥିତ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବିସ୍ତୃତ ଯୋଜନା ପ୍ରସ୍ତୁତ କରାଯାଇଛି। ଭସାଣି ଯାତ୍ରା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସାରିବା ଏବଂ ଡାକବାଜି ଯନ୍ତ୍ର ତଥା ଡିଜେ ମ୍ୟୁଜିକ ସିଷ୍ଟମ ଉପରେ କଟକଣା ଲଗାଇବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଡାକବାଜି ଯନ୍ତ୍ର ଏବଂ ମ୍ୟୁଜିକ ସିଷ୍ଟମକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ବାଲେଶ୍ୱର ଉପଜିଲାପାଳଙ୍କ ଅଫିସ୍‌ରେ ସିଙ୍ଗଲ ୱିଣ୍ଡୋ ମାଧ୍ୟମରେ ପୂଜା କମିଟିମାନଙ୍କୁ ସମସ୍ତ ପ୍ରକାର ଅନୁମତି ପତ୍ର ଏବଂ ଆପତ୍ତି ବିହୀନ ପ୍ରମାଣପତ୍ର ଯୋଗାଇ ଦିଆଯିବ। ସିଙ୍ଗଲ ୱିଣ୍ଡୋ ମାଧ୍ୟମରେ ବିଜୁଳି, ପ୍ରଦୂଷଣ, ଶବ୍ଦ, ଥାନା, ଅଗ୍ନିଶମ ବିଭାଗର ଅନୁମତି ପତ୍ର ପ୍ରଦାନ କରାଯିବ। ସୁରକ୍ଷା ଲାଗି ସମସ୍ତ ପୂଜାମଣ୍ଡପରେ ଅଗ୍ନି ନିର୍ବାପକ ଯନ୍ତ୍ର ରଖିବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା। ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ରାସ୍ତାଘାଟ ମରାମତି, ମାଦକ ଦ୍ରବ୍ୟ ନିଷେଧ, ପାନୀୟଜଳ ଯୋଗାଣ, ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସମ୍ପର୍କରେ ବୈଠକରେ ସବିଶେଷ ଆଲୋଚନା କରାଯାଇଥିଲା। ଆସନ୍ତା ଦୁର୍ଗାପୂଜାକୁ ଆନନ୍ଦ ଉଲ୍ଲାସ ତଥା ଶାନ୍ତିଶୃଙ୍ଖଳାରେ ପାଳନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ସହଯୋଗ କାମନା କରାଯାଇଥିଲା।

## ସଂକ୍ଷେପରେ

### ନିମ୍ନମାନର କାର୍ଯ୍ୟ ନେଇ ଅଭିଯୋଗ

**ଭଦ୍ରକ ଅଫିସ, ୨୦।୯:** ଭଦ୍ରକ ବ୍ଲକ ଦଇସିଂ ପଞ୍ଚାୟତରେ ନିର୍ମାଣାଧୀନ କମ୍ୟୁନିଟି ସେଣ୍ଟର କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ବିଭିନ୍ନ ୱାର୍ଡର ଲୋକ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହାବ୍ୟତୀତ ସେମାନେ ଜିଲାପାଳ, ପିଡି, ବିଡିଓ ଓ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ଟୁଇଟ୍ ମାଧମରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଉକ୍ତ କାର୍ଯ୍ୟ ଏଷ୍ଟିମେଟ୍ ଅନୁସାରେ କରା ନ ଯାଇ ଠିକାଦାର ଜଣଙ୍କ ନିଜକୁ ସୁହାଇଲା ଭଳି କରୁଥିବା ଦର୍ଶାଯାଇଛି। ଏ ସମ୍ପର୍କରେ ବ୍ଲକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସିର୍ଦ୍ଧାଥ ଦାସଙ୍କୁ ପଚାରିବାରୁ କହିଛନ୍ତି, ସେ ନିଜେ ଘଟଣାର ତଦନ୍ତ କରିବେ। ଜିଲାପାଳ ଟୁଇଟ୍‌ର ପ୍ରତ୍ୟୁତ୍ତରରେ ତୁରନ୍ତ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

### ରାସ୍ତାକଡ଼କୁ ଓଲଟିଲା ହାଇୱା

**ପଦ୍ମପୁର, ୨୦।୯ (ଡି.ଏନ.ଏ.):** ବାସୁଦେବପୁର ବ୍ଲକ ବିରସ-ପଦ୍ମପୁର ରାସ୍ତାର ହାଡ଼ିଆବାଙ୍କ ଛକଠାରେ ଏକ ମେଟାଲ ବୋଝେଇ ହାଇୱା ଶୁକ୍ରବାର ଅପରାହ୍ନରେ ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ଚାଳକ ଆହତ ହୋଇଛନ୍ତି। ନାୟକାଣିଡିହୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିଛି। ସୂଚନା ଅନୁଯାୟୀ ଜାମୁଝାଡ଼ିରୁ ମେଟାଲ ଡମ୍ପ ବୋଝେଇ ହୋଇଆସୁଥିବା ଉକ୍ତ ଗାଡ଼ି ଗଦଳା ଆଡ଼କୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା।

### ଚକ୍ଷୁ ଚିକିତ୍ସା, ରକ୍ତଦାନ ଶିବିର

**ଚାନ୍ଦବାଲି, ୨୦।୯ (ଡି.ଏନ.ଏ.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସ ଅବସରରେ ସେବା ସପ୍ତାହ ପାଳନ କ୍ରମେ ଚାନ୍ଦବାଲିରେ ଭାଜପା ପକ୍ଷରୁ ଶୁକ୍ରବାର ବିଜୁ ସ୍ମୃତି ଭବନରେ ଚକ୍ଷୁ ଚିକିତ୍ସା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ଓ ଭଦ୍ରକରୁ ବରିଷ୍ଠ ଚକ୍ଷୁ ବିଶେଷଜ୍ଞମାନେ ଯୋଗଦେଇ ଚାନ୍ଦବାଲିର ୨ଶହରୁ ଉର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ରାଜସ୍ୱ ମନ୍ତ୍ରୀ ମନମୋହନ ସାମଲ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଚାନ୍ଦବାଲି ମଣ୍ଡଳ ସଭାପତି ଲଲାଟେନ୍ଦୁ ରାଏଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମଳାକାନ୍ତ ସୂତାର, ପ୍ରତାପ ଧଳଙ୍କ ସମେତ ଭାଜପାର ନେତା ଓ କର୍ମୀ ଶିବିର ପରିଚାଳନା କରିଥିଲେ।

### ବସ୍ ଚକା ତଳେ ଗଲା ୩ ଛେଳିଙ୍କ ଜୀବନ

**ବାସୁଦେବପୁର, ୨୦।୯(ଡି.ଏନ.ଏ.):** ବାସୁଦେବପୁର-ଜାମୁଝାଡ଼ି ରାସ୍ତାର ବରଙ୍ଗ କଳ ନିକଟରେ ଏକ ଘରୋଇ ବସ୍ ଧକ୍କାରେ ୩ଟି ଛେଳିଙ୍କର ଶୁକ୍ରବାର ସକାଳେ ମୃତ୍ୟୁ ଘଟିଛି। ଏହି ଛେଳିଗୁଡ଼ିକ ରାସ୍ତାକଡ଼ରେ ଶୋଇଥିବା ବେଳେ ବସ୍‌ଟି ଚଢ଼ି ଯାଇଥିଲା। ଘଟଣାସ୍ଥଳରେ ଛେଳିଙ୍କର ମୃତ୍ୟୁ ହୋଇଥିଲା। ମାଲିକ ଜାଫର୍‌ପୁର ଗ୍ରାମର ଅମୂଲ୍ୟ ସେଠୀ ଏ ନେଇ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିବା ସହ କ୍ଷତିପୂରଣ ଦାବି କରିଛନ୍ତି।

### ସେବା ସପ୍ତାହରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ବନ୍ତ, ୨୦।୯ (ଡି.ଏନ.ଏ.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ସେବା ସପ୍ତାହ ପାଳନ ଉପଲକ୍ଷେ ଶୁକ୍ରବାର ବନ୍ତ ବ୍ଲକ ଭାଜପା ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ସଭାପତି ବଦ୍ରିନାରାୟଣ ଧଳଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା କର୍ମୀମାନେ ବନ୍ତ ସ୍ଥିତ ଜଳସେଚନ କାର୍ଯ୍ୟାଳୟ ସମ୍ମୁଖରୁ ସଫେଇ ଆରମ୍ଭ କରିଥିଲେ। ପରେ ପିଏନ୍‌ବି ଛକ, କେନ୍ଦୁଆପଦା, ଲକ୍ଷ୍ମୀବଜାର, ଥାନା ଛକ ସମେତ ବନ୍ତ ଡାକ୍ତରଖାନା ପରିସର ଆଦି ସଫା କରାଯାଇଥିଲା। ଏଥିରେ ଜିଲା ଭାଜପା କୋଷାଧକ୍ଷ ପ୍ରଦୀପ୍ତ କୁମାର ବିଶ୍ୱାଳ, ଜିଲା ଲିଗାଲ ସେଲ୍ ସଂଯୋଜକ ଆଇନଜୀବୀ ବନମାଳୀ ଜେନା, ବନ୍ତ ମଣ୍ଡଳ ସଭାନେତ୍ରୀ ପଙ୍କଜିନୀ ଲେଙ୍କା, ବରଡ଼େଶ୍ୱର ମଣ୍ଡଳ ସମ୍ପାଦକ ରାଜୀବ ଲୋଚନ ସାହୁ, ସେବା ସପ୍ତାହର ସଂଯୋଜକ ରବିନାରାୟଣ ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟା ରୀନା ସିଂ, ବସନ୍ତ ବିଶ୍ୱାଳ, ଲକ୍ଷ୍ମୀ କର, ହରେକୃଷ୍ଣ ସେନାପତି, ଚନ୍ଦ୍ରମଣି ଜେନା, ପ୍ରକାଶ ଲେଙ୍କା, ଅନାମ ଜେନା, ଖଗେଶ୍ୱର ବେହେରା ଓ କିଶୋର ବିଶ୍ୱାଳ ପ୍ରମୁଖ ବହୁ କର୍ମକର୍ତ୍ତା ସାମିଲ ଥିଲେ।

# ବିରୋଧ ସତ୍ତ୍ୱେ କାମ ଆରମ୍ଭ

- ନୟାହାଟରେ ମେଗା ପାନୀୟ ଜଳ ପ୍ରକଳ୍ପ
- ସ୍ଥାନ ନିରୂପଣ ନେଇ ପୋଲିସ, ଗ୍ରାମବାସୀ ମୁହାଁମୁହିଁ

**ଚାନ୍ଦବାଲି, ୨୦।୯ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ଏନ୍ଏସି ଅନ୍ତର୍ଗତ ନୟାହାଟ ଗାଁରେ ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗର ପ୍ରସ୍ତାବିତ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପାଇଁ ସ୍ଥାନ ନିରୂପଣକୁ ନେଇ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ଏ ନେଇ ଶୁକ୍ରବାର ଜମି ଅଧିଗ୍ରହଣ ବେଳେ ଲୋକେ ଏହାକୁ ବିରୋଧ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ସହ ଗ୍ରାମବାସୀଙ୍କ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଲୋକଙ୍କ ବିରୋଧ ସତ୍ତ୍ୱେ ପ୍ରଶାସନ ପକ୍ଷରୁ ସେଠାରେ କାମ ଆରମ୍ଭ ହୋଇଛି। ପୋଲିସ ଉପସ୍ଥିତିରେ ମେଶିନ ସହାୟତାରେ ଜମିକୁ ପରିଷ୍କାର କରାଯାଇ ସମତୁଲ କରାଯାଇଛି। ନିର୍ମାଣର ପ୍ରାଥମିକ ପର୍ଯ୍ୟାୟ ମୃତ୍ତିକା ପରୀକ୍ଷା ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି।

ସୂଚନା ଅନୁଯାୟୀ, ଚାନ୍ଦବାଲି ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ। ସାମୁଦ୍ରିକ ଲୁଣା ପ୍ରଭାବରେ ଏଠାରେ ନଳକୂପ ଶୀଘ୍ର ନଷ୍ଟ ହେବା ସହିତ ଏଥିରୁ ଲୁଣାପାଣି ବାହାରୁଛି। ଏହାର ସମାଧାନ ପାଇଁ ନୟାହାଟ ମୌଜାର ୭ ଏକର ୪୬ ଡିସିମିଲ ସରକାରୀ ଜମି(ଆବାଦଯୋଗ୍ୟ ଅନାବାଦି)ରେ ଏକ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ସକାଶେ ପ୍ରାୟ ୮୮୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହାଦ୍ୱାରା ଚାନ୍ଦବାଲି ବ୍ଲକର ୩୬ ପଞ୍ଚାୟତ, ଏନ୍ଏସିର ୧୫ଟି ୱାର୍ଡ ସମେତ ଧାମନଗର ବ୍ଲକର କେତେକ ପଞ୍ଚାୟତର ଲୋକ ମଧ ଉପକୃତ ହେବେ। ଏଠାରେ ଜଳ ବିଶୋଧନ କେନ୍ଦ୍ର ସ୍ଥାପନ କରାଯିବ। ପାଇପ୍ ଯୋଗେ ଏଠାରୁ ପାନୀୟ ଜଳ ମନ୍ତେଇ ଓ ସାଳନ୍ଦୀ ନଦୀ ଅତିକ୍ରମ କରି ଧାମରା ଓ ଆରଡ଼ି ଅଞ୍ଚଳକୁ ମଧ ନିରବଚ୍ଛିନ୍ନ ଭାବେ ଯୋଗାଣ କରାଯିବ। ତେବେ ସ୍ଥାନୀୟ ଲୋକେ ଏହି ସ୍ଥାନକୁ ଚାରଣଭୂମି ଓ ଖେଳପଡ଼ିଆ ଭାବେ ବ୍ୟବହାର କରନ୍ତି। ଏଠାରେ ଥିବା ବଡ଼ଗଛ କାରଣରୁ ବାତ୍ୟାଦାଉରୁ ସ୍ଥାନୀୟ ଅଞ୍ଚଳକୁ ସୁରକ୍ଷା ମିଳିଥାଏ ବୋଲି ସେମାନେ କହିଥିଲେ। ପ୍ରକଳ୍ପ ହେଲେ ଗଛଗୁଡ଼ିକ କଟାଯିବା ଫଳରେ ଅସୁବିଧାରେ ପଡ଼ିବା ଆଶଙ୍କାରେ ଗାଁର ମହିଳା ଓ ପୁରୁଷ ବିରୋଧ କରିଥିଲେ। ସେମାନଙ୍କୁ ବୁଝାଶୁଝା କରାଯାଇଥିଲା। ଘଟଣାସ୍ଥଳରେ ଚାନ୍ଦବାଲି ତହସିଲଦାର ସତ୍ୟଜିତ ରାଉତ, ଥାନାଧିକାରୀ ତାପସ ପ୍ରଧାନଙ୍କ ସମେତ ଦୁଇ ପ୍ଲାଟୁନ ପୋଲିସ୍ ଫୋର୍ସ ମୁତୟନ ହୋଇଥିଲେ। ବିଭାଗୀୟ ଯନ୍ତ୍ରୀ ଓ କର୍ମଚାରୀମାନେ ମଧ ଉପସ୍ଥିତ ଥିଲେ।


ଲୋକେ ପ୍ରକଳ୍ପ ନିର୍ମାଣସ୍ଥଳରେ ପ୍ରତିବାଦ କରୁଛନ୍ତି।

## ଆହତଙ୍କୁ ମେଡିକାଲରେ ଭର୍ତ୍ତି କରାଇଲେ ଥାନାଧିକାରୀ

**ଭଦ୍ରକ ଅଫିସ, ୨୦।୯**

ଦୁର୍ଘଟଣାରେ ଆହତ ହୋଇ ଛଟପଟ ହେଉଥିବା ଜଣେ ବ୍ୟକ୍ତିଙ୍କୁ ବନ୍ତ ଥାନାଧିକାରୀ ନିଜ ଗାଡ଼ିରେ ଆଣି ଭଦ୍ରକ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଇବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନରେ ବନ୍ତ ଛକଠାରେ ଟାଟାସଫାରୀ ସହ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଭଦ୍ରକ ସହର ଉପକଣ୍ଠ ଉପର ବାଗୁରାଇର ଚନ୍ଦ୍ରକାନ୍ତ ସାହୁ ଗୁରୁତର ଆହତ ହୋଇଥିଲେ। ସେଠାରେ ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଛଟପଟ ହେଉଥିବା ବେଳେ କିଏ ୧୦୮କୁ ଡାକିବାକୁ କହିଥିଲେ ତ ଆଉ କିଏ ଆମ୍ବୁଲାନ୍ସ ଡାକିବାକୁ ମୋବାଇଲ ଉଠାଉଥିଲେ। ଏହି ସମୟରେ ଜିଲା ପୋଲିସ ମୁଖ୍ୟାଳୟରୁ ବୈଠକ ସାରି ଫେରୁଥିବା ବନ୍ତ ଥାନାଧିକାରୀ ମୀନା ବିନ୍ଧାଣୀ ଏହା ଦେଖି ନିଜ ଗାଡ଼ିରେ ଚନ୍ଦ୍ରକାନ୍ତଙ୍କୁ ଜିଲା ଚିକିତ୍ସାଳୟକୁ ନେଇଥିଲେ। ଏହି ମାନବିକତା ଦେଖି ଜିଲା ଚିକିତ୍ସାଳୟ ନିକଟରେ ଉପସ୍ଥିତ ଶତାଧିକ ଲୋକ ତାଙ୍କର ପ୍ରଶଂସା କରିଥିଲେ।

## ୩ ମାସ ମଧ୍ୟରେ ଧାନବିକା ଟଙ୍କା ପାଇବେ ଚାଷୀ

### ପ୍ରତିଶ୍ରୁତି ପରେ ସମିତିରୁ ଖୋଲିଲେ ତାଲା

**ଭଣ୍ଡାରିପୋଖରୀ, ୨୦।୯ (ଡି.ଏନ.ଏ.)**

ଧାନବିକ୍ରି ଟଙ୍କା ପାଇ ନ ଥିବା ଚାଷୀମାନେ ଭଣ୍ଡାରିପୋଖରୀ ବ୍ଲକ ସରସଦା ପ୍ରାଥମିକ କୃଷି ସମବାୟ ସମିତିରେ ତାଲା ପକାଇ ରଖିଥିଲେ। ଏହି ଘଟଣାର ୫ମ ଦିନରେ ଶୁକ୍ରବାର ସମାଧାନର ସୂତ୍ର ବାହାରିବା ପରେ ସେମାନେ ସମିତିରୁ ତାଲା ଖୋଲିଛନ୍ତି। ଚାଷୀ ମିଲରଙ୍କୁ ଦେଇଥିବା ୨୦୫୭ କୁଇଣ୍ଟାଲ ୭୬ କେଜି ଧାନର ହିସାବ ସମିତି ପାଖରେ ନ ଥିବାରୁ ସେମାନେ ଧାନବିକା ପାଉଣା ପାଇବା ନେଇ ସନ୍ଦେହ ପ୍ରକାଶ କରି ତାଲା ପକାଇ ଦେଇଥିଲେ। ଶୁକ୍ରବାର ସରସଦା ସମିତି ସମ୍ପାଦକ ଅଜୟ କୁମାର ବେହେରା, ସଭାପତି ଦେବେନ୍ଦ୍ରନାଥ ଧଳ, ମାଳଦା ସମିତି ସଭାପତି ଅରବିନ୍ଦ ନାୟକ, ନାରାୟଣପୁର ସମିତି ସମ୍ପାଦକ ଜୟନ୍ତ ଭୋଇ, ୟୁନିୟନ ସମ୍ପାଦକ ଅରୁଣ କୁମାର ପାତ୍ର, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ରାମଚନ୍ଦ୍ର ସେନାପତି, ଭଦ୍ରବ୍ୟକ୍ତି ଓ ଚାଷୀ ସମିତିରେ ବସି ବିସ୍ତୃତ ଆଲୋଚନା କରିଥିଲେ। ଚାଷୀମାନେ କିପରି ଧାନବିକ୍ରି ଟଙ୍କା ପାଇବେ ସେ ନେଇ ସମସ୍ତଙ୍କ ସହଯୋଗରେ ଚେଷ୍ଟା କରାଯିବ। ଆଗାମୀ ୩ ମାସ ଭିତରେ ସମସ୍ତ ଚାଷୀ ପାଉଣା ପାଇବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇ ସେମାନଙ୍କୁ ଅବଗତ କରାଯାଇଥିଲା। ଏହି ପ୍ରତିଶ୍ରୁତି ମିଳିବା ପରେ ଅପରାହ୍ନ ପ୍ରାୟ ୨ଟାରେ ଚାଷୀମାନେ ସମିତି ଫାଟକରୁ ତାଲା ଖୋଲିଥିଲେ। ଚାଷୀ ପ୍ରକାଶ ଷେଣ୍ଢେ, ରବୀନ୍ଦ୍ର ଷେଣ୍ଢେ, ଦେବେନ୍ଦ୍ର ଷେଣ୍ଢେ, ଉଦକର ସାହୁ, ନଟବର ସାହୁ, ଦିବାକର ସାହୁ, ନିରାକାର ରାଉତ ଓ ପ୍ରଦୀପ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସରକାରୀ ଜମି ଜବରଦଖଲ ଉଚ୍ଛେଦ ଦାବି

**ତିହିଡ଼ି, ୨୦।୯ (ଡି.ଏନ.ଏ.)**

ତିହିଡ଼ି ତହସିଲ ବାରସର ପଞ୍ଚାୟତ ଅଧୀନ ନୂଆବନ୍ଧ ମୌଜାରେ ୨ଶହ ଏକରରୁ ଉର୍ଦ୍ଧ୍ୱ ସରକାରୀ ଜମି ଜବରଦଖଲ ହୋଇଛି। ଗ୍ରାମର କେତେକ ବ୍ୟକ୍ତି ଏହି ଜମିକୁ ଜବରଦଖଲ କରିଥିବାରୁ ମୁଟୁରିଗଡ଼ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ ଏ ସମ୍ପର୍କରେ ଜିଲାପାଳ, ଉପଜିଲାପାଳ ଏବଂ ତହସିଲଦାରଙ୍କୁ ଭେଟି ଅଭିଯୋଗ କରିଥିଲେ। ପରେ ତହସିଲଦାର ଅନିତା ନାୟକଙ୍କ ନିର୍ଦ୍ଦେଶ କ୍ରମେ କାଁପଡ଼ା ରାଜସ୍ୱ ନିରୀକ୍ଷକ ଜବରଦଖଲ ହୋଇଥିବା ଜମିର ମାପଚୁପ କରିଛନ୍ତି। ତେବେ ତୁରନ୍ତ ଜବରଦଖଲ ଉଚ୍ଛେଦ କରାଯାଉ ବୋଲି ଗ୍ରାମବାସୀ ଦାବି ଜଣାଇଛନ୍ତି।

ନୂଆବନ୍ଧ ମୌଜାର ଗୋଚର, ଗ୍ରାମ୍ୟ ଜଙ୍ଗଲ, ସର୍ବସାଧାରଣ ଯୋଗ୍ୟ ଓ ପୋଖରୀ କିସମର ୨ ଶହ ଏକରରୁ ଉର୍ଦ୍ଧ୍ୱ ଜମିକୁ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଜବରଦଖଲ କରି ରଖିଛନ୍ତି। ସେମାନେ ଉକ୍ତ ଜମିରେ ବିଭିନ୍ନ ପ୍ରକାର ନିର୍ମାଣ କରି ଅବରୋଧ କରିଥିବାରୁ ଗ୍ରାମବାସୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାତାୟାତରେ ଅସୁବିଧା ହେବାରୁ ବିଶୃଙ୍ଖଳା ଓ ଗଣ୍ଡଗୋଳ ଘଟୁଛି। ଏପରିକି ଜଳାଶୟକୁ ଦଖଲ କରି ପୋତି ଦିଆଯାଇଥିବାରୁ ଗୋରୁ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଜରୁରିକାଳୀନ ସମୟରେ ଆମ୍ବୁଲାନ୍ସ କିମ୍ବା ଦମକଳ ଯିବାରେ ବାଧା ସୃଷ୍ଟି ହେଉଥିବା ରମାକାନ୍ତ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ରାଉତ, ଦୀପକ ମହାପାତ୍ର, ଧନେଶ୍ୱର ରାଉତ, ପରମେଶ୍ୱର ରାଉତ, ହୃଷୀକେଶ ରାଉତ ଓ ଆଲୋକ ମହାପାତ୍ର ପ୍ରମୁଖ ଅଭିଯୋଗରେ ଦର୍ଶାଇଛନ୍ତି।

## ଦକ୍ଷତା ବିକାଶ କେନ୍ଦ୍ରକୁ ସମ୍ମାନ



ଆଦାନୀ ଗ୍ରୁପର ବରିଷ୍ଠ ଅଧିକାରୀ ଯତୀନ ଦ୍ୱିବେଦୀଙ୍କୁ ପୁରସ୍କୃତ କରାଯାଉଛି।

**ଭଦ୍ରକ ଅଫିସ, ୨୦।୯**

ମହିଳା ସଶକ୍ତୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ଆଦାନୀ ଦକ୍ଷତା ବିକାଶ କେନ୍ଦ୍ର(ଏଏସ୍‌ଡିଏସ୍)କୁ ଶ୍ରେଷ୍ଠ କର୍ପୋରେଟ ଫାଉଣ୍ଡେଶନ ଭାବେ ସିଏସ୍‌ଆର୍ ଟାଇମ୍ସ ଆୱାର୍ଡ଼ରେ ସମ୍ମାନିତ କରାଯାଇଛି। ନିକଟରେ ନୂଆଦିଲ୍ଲୀଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ ରାଷ୍ଟ୍ର ମନ୍ତ୍ରୀ ଜି. କିଷନ ରେଡ୍ଡୀ ଆଦାନୀ ଗ୍ରୁପର ବରିଷ୍ଠ ଅଧିକାରୀ ଯତୀନ ଦ୍ୱିବେଦୀଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ରାଜ୍ୟ ସଭା ସଦସ୍ୟ ବୀରେନ୍ଦ୍ର କୁମାର ଏବଂ ଜାତୀୟ ମହିଳା କମିଶନ ଅଧକ୍ଷା ରେଖା ଶର୍ମା ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ଆଦାନୀ ଫାଉଣ୍ଡେଶନ ଦ୍ୱାରା ପରିଚାଳିତ ଦକ୍ଷତା ବିକାଶ କେନ୍ଦ୍ର ସକ୍ଷମ ନାମରେ ଏକ ଜାତୀୟସ୍ତରୀୟ ଦକ୍ଷତା କାର୍ଯ୍ୟକ୍ରମ ହାତକୁ ନେଇଛି। ରାଷ୍ଟ୍ରୀୟ କୌଶଳ ବିକାଶ ନିଗମ ମାଧମରେ ୪୦ ହଜାର ଯୁବତୀ ଯୁବକ ପ୍ରଶିକ୍ଷିତ ହୋଇପାରିଛନ୍ତି।

## ଯୋଗ ଶିବିରରେ ୪ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର


ସ୍କୁଲ ପରିସରରେ ଛାତ୍ରୀଛାତ୍ର ଯୋଗାଭ୍ୟାସ କରୁଛନ୍ତି।

**ପଦ୍ମପୁର, ୨୦।୯ (ଡି.ଏନ.ଏ.)**

ଭଦ୍ରକ ବ୍ଲକ ସାହାଡ଼ା ସ୍ଥିତ ଲକ୍ଷ୍ମୀନାରାୟଣ ପବ୍ଲିକ ସ୍କୁଲ ପରିସରରେ ଶୁକ୍ରବାର ପୂର୍ବାହ୍ନରେ ଛାତ୍ରୀଛାତ୍ରଙ୍କୁ ନେଇ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ୪ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇ ଯୋଗ ଓ ପ୍ରାଣାୟାମ ଅଭ୍ୟାସ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡା. ଶରତ ଦାସ, ଅଧକ୍ଷ ପ୍ରଫୁଲ୍ଲ ପୁହାଣ, ଉପାଧକ୍ଷା ସତ୍ୟଭାମା ଦାସ, ଲାଲାଜୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାଦଲ ମହାପାତ୍ର ଓ ବଣିଆ ଉଚ୍ଚ ବିଦ୍ୟାଳୟର ଶାରୀରିକ ଶିକ୍ଷକ ରତ୍ନାକର ମଲ୍ଲିକ ପ୍ରମୁଖ ଶିବିରରେ ଯୋଗ ଦେଇଥିଲେ। ସେମାନେ ଯୋଗ ଓ ପ୍ରାଣାୟାମର ଉପକାରିତା ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଯୋଗ ଶିକ୍ଷକ ଚିନ୍ମୟ କୁମାର ଜେନା ଛାତ୍ରୀଛାତ୍ରଙ୍କ ମାନସିକ ଓ ଶାରୀରିକ ବିକାଶ ପାଇଁ ଯୋଗ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ଏଥିସହ ଯୋଗର ବିଭିନ୍ନ ଆସନ ଓ ପ୍ରାଣାୟାମ ପ୍ରଦର୍ଶନ କରିଥିଲେ। ଶିକ୍ଷୟିତ୍ରୀ କଲ୍ୟାଣୀ ଲେଙ୍କା ସହାୟତା କରିଥିଲେ।

## ହତ୍ୟା ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିଲା ପୋଲିସ

**ତିହିଡ଼ି, ୨୦।୯ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଥାନା କାଁପଡ଼ା ପଞ୍ଚାୟତ ଅଧୀନ କାଁପଡ଼ାବିନ୍ଧା ଗ୍ରାମର ହତ୍ୟା ଅଭିଯୁକ୍ତ ପ୍ରଫୁଲ୍ଲ ମଳିକଙ୍କୁ ପୋଲିସ ରିମାଣ୍ଡରେ ଆଣିଛି। ତାଙ୍କୁ ପଚରାଉଚରା କରିବାକୁ ଦୁଇଦିନ ପାଇଁ ପୋଲିସ ରିମାଣ୍ଡରେ ଆଣିଥିବା ଜଣାଯାଇଛି। ପ୍ରକାଶ ଯେ, ଗତ ମାସ ୨୧ ତାରିଖ ରାତିରେ କାଁପଡ଼ାବିନ୍ଧା ଗ୍ରାମର ଦଶରଥ ମଳିକଙ୍କୁ ପ୍ରଫୁଲ୍ଲ ଘରୁ ଡାକି ନେଇଥିଲେ। ପରେ ଦଶରଥ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଏକ ଦୋକାନ ପାଖରେ ପଡ଼ିଥିବା ତାଙ୍କ ସ୍ତ୍ରୀ ଶକୁନ୍ତଳା ଗ୍ରାମବାସୀଙ୍କଠାରୁ ଖବର ପାଇଥିଲେ। ଦଶରଥଙ୍କୁ ଚିକିତ୍ସା ପାଇଁ ପ୍ରଥମେ ତିହିଡ଼ି ଓ ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଥିବାବେଳେ ଗତ ୨୪ ତାରିଖ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ଦଶରଥଙ୍କୁ କାଠଫାଳିଆରେ ପିଟି ପ୍ରଫୁଲ୍ଲ ହତ୍ୟା କରିଥିବା ଶକୁନ୍ତଳା ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପ୍ରଫୁଲ୍ଲଙ୍କ ନାଁରେ ଏକ ମାମଲା(ନଂ. ୩୮୫/୧୯) ରୁଜୁ କରିଥିଲେ ମଧ ସେ ଫେରାର ଥିବାରୁ ତାଙ୍କୁ ଗିରଫ କରିପାରି ନ ଥିଲା। ଗତ ୨୮ ତାରିଖ ଅପରାହ୍ନରେ ପ୍ରଫୁଲ୍ଲ କୋର୍ଟରେ ଆତ୍ମସମର୍ପଣ କରିଥିଲେ।

## ୭୦ ହଜାର ସଦସ୍ୟ ସଂଗ୍ରହ ଲକ୍ଷ୍ୟ

**ତିହିଡ଼ି, ୨୦।୯ (ଡି.ଏନ.ଏ.)**

ଧାମନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତିହିଡ଼ି ବ୍ଲକର ୧୩ ପଞ୍ଚାୟତକୁ ନେଇ ଶୁକ୍ରବାର ଅଚକର ନନ୍ଦପୁର ବଜାରରେ ବିଜେଡିର ନୂତନ ସଦସ୍ୟତା ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି କମଳାକାନ୍ତ ଭୋଇ ଏଥିରେ ପୌରୋହିତ୍ୟ କରିଥିଲେ। ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ଯୋଗଦେଇ କହିଥିଲେ, ପ୍ରତ୍ୟେକ ୱାର୍ଡରେ ୪ ଜଣ ସକ୍ରିୟ କର୍ମୀ ନେତୃତ୍ୱ ନେବେ। ସେମାନଙ୍କ ମଧ୍ୟରେ ଜଣେ ମହିଳା କର୍ମୀ ସାମିଲ ହେବେ। ପ୍ରତ୍ୟେକ କର୍ମୀ ୨୫ ଜଣ ଲେଖାଏ ନୂତନ ସଦସ୍ୟ ସଂଗ୍ରହ କରିବେ। ନିର୍ବାଚନମଣ୍ଡଳୀରେ ୭୦ ହଜାର ନୂତନ ସଦସ୍ୟ ସଂଗ୍ରହ କରାଯିବା ଅଭିଯାନର ଲକ୍ଷ୍ୟ। ଏଥିସହ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇ ଦଳରେ ସାମିଲ କରିବାକୁ ସେ ପରାମର୍ଶ ଦେଇଥିଲେ। ବ୍ଲକ ଅଧକ୍ଷା ବିଦ୍ୟୁତଲତା ନାୟକ, ବ୍ଲକ ସଭାପତି ରଘୁନାଥ ପଣ୍ଡା, ଜିଲାପରିଷଦ ସଭ୍ୟ କମଳାକାନ୍ତ ଦାସ ଓ ଚିନ୍ତାମଣି ଦାସ, ଏମ୍‌ପିଙ୍କ ପ୍ରତିନିଧି ହରେକୃଷ୍ଣ ଜେନା, ବ୍ଲକ ସଂଯୋଜକ ଦିବ୍ୟରଞ୍ଜନ ସାହୁ, ପୂର୍ବତନ ଜିଲାପରିଷଦ ସଭ୍ୟ ଦେବେନ୍ଦ୍ର ପୁହାଣ, ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ନାୟକ, ଯୁବନେତା ଶରତ ଦାସ ଓ ବିଶ୍ୱଜିତ୍ ବେହେରା ଯୋଗଦେଇ ଅଧିକ ସଦସ୍ୟ ସଂଗ୍ରହ ହେଲେ ଦଳ ସୁଦୃଢ଼ ହେବ ବୋଲି କହିଥିଲେ। ସରପଞ୍ଚ ପ୍ରଦୀପ ପଣ୍ଡା, ଶଶଧର ସାମଲ ଓ ଭାଗୀରଥି ମଲିକ, ଯୁବନେତା ସୁଧନ୍ୱା ନାୟକ, ଯତୀନ୍ଦ୍ର ବେହେରା, ଦୁଷ୍ମନ୍ତ ନାୟକ, ମନିନ୍ଦ୍ର ଦାସ, ଆଦିତ୍ୟ ଜେନା, ନିରଞ୍ଜନ ଦାସ, ହରିଶ୍ଚନ୍ଦ୍ର ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଦଳୀୟ ନେତାମାନେ ସଦସ୍ୟତା ପୁସ୍ତିକା ପ୍ରଦର୍ଶନ କରିଥିଲେ।


ସଦସ୍ୟତା ପୁସ୍ତିକା ପ୍ରଦର୍ଶନ କରୁଛନ୍ତି ଦଳୀୟ ନେତା।

## କାଦୁଅ ରାସ୍ତାରେ ଧାନ ତଳି ରୋଇଲେ

- ମରାମତି ଅଭାବରୁ ଖାଲଖମାରେ ଭର୍ତ୍ତି ବରକୋଣା ମୁଖ୍ୟରାସ୍ତା
- ବର୍ଷାପାଣି ଜମି ରହି ଯାତାୟାତରେ ସମସ୍ୟା
- ଜରୁରୀ ପରିସ୍ଥିତିରେ ହଇରାଣ ହେଉଛନ୍ତି ଗାଁ ଲୋକେ

**ବନ୍ତ,୨୦।୯ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ବସନ୍ତିଆ ପଞ୍ଚାୟତ ବରକୋଣା ମୁଖ୍ୟରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି। ରାସ୍ତାର ବିଭିନ୍ନ ସ୍ଥାନ ଖାଲଖମାରେ ପରିପୂର୍ଣ୍ଣ। ବର୍ଷା ହେଲେ ଉକ୍ତ ଖାଲରେ ପାଣି ଜମି ରହୁଥିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଏପରିକି ଏହି ରାସ୍ତାରେ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ରାସ୍ତା କର୍ଦ୍ଦମାକ୍ତ ହୋଇଯାଉଥିବାରୁ ଲୋକେ ଯିବାଆସିବା କରିବାରେ ଅସୁବିଧା ଭୋଗୁଛନ୍ତି। ରାସ୍ତା ମରାମତି ପାଇଁ ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଶେଷରେ ଶୁକ୍ରବାର ଗାଁ ଲୋକେ ଉକ୍ତ କାଦୁଅ ରାସ୍ତାରେ ଧାନତଳି ରୋଇଛନ୍ତି। ଗ୍ରାମର ପ୍ରଭାତ ସ୍ୱାଇଁ, ଶୁଭେନ୍ଦୁ ସ୍ୱାଇଁ, ପ୍ରଣୟ ସ୍ୱାଇଁ, ରାଜେଶ ସ୍ୱାଇଁ, ସନ୍ୟାସୀ ସ୍ୱାଇଁ, ରସିକ ସ୍ୱାଇଁ, ଶ୍ରୀକାନ୍ତ ସାହୁ, ଦିଲୀପ ସ୍ୱାଇଁ, ମାର୍କଣ୍ଡ ବେହେରା, ଜଗନ୍ନାଥ ସ୍ୱାଇଁ, ଅଶୋକ ପାତ୍ରଙ୍କ ସମେତ ବରକୋଣା ଓ ରାମପୁର ଗ୍ରାମର ଲୋକେ ରାସ୍ତାରେ ଧାନ ଗଛ ପୋତୁଥିବାର ଦେଖିବାକୁ ମିଳିଥିଲା।


ବରକୋଣା ମୁଖ୍ୟ ରାସ୍ତାରେ କେତେକ ଗ୍ରାମବାସୀ ଧାନ ତଳି ରୋଉଛନ୍ତି।

ପ୍ରକାଶ ଯେ, ଭଦ୍ରକ-ଆନନ୍ଦପୁର ୫୩ ନମ୍ବର ରାଜ୍ୟ ରାଜପଥର ବରକୋଣା ଛକଠାରୁ ବରକୋଣା ଗ୍ରାମକୁ ମୁଖ୍ୟରାସ୍ତା ଯାଇଛି। ୯୦୦ ମିଟର ରାସ୍ତା ଉପରେ ବରକୋଣା, ରାମପୁର ସମେତ ଆପଣ୍ଡା ରାଜସ୍ୱ କାର୍ଯ୍ୟାଳୟକୁ ଯାତାୟାତ କରୁଥିବା ୧୫ ରୁ ୨୦ ଗ୍ରାମର ଲୋକ ନିର୍ଭର କରନ୍ତି। ସେହିପରି ବନ୍ତଠାରେ ପ୍ରସ୍ତାବିତ କୋର୍ଟ ଏହି ରାସ୍ତାର ମଧ୍ୟଭାଗରେ ତିଆରି ହେବାକୁ ସ୍ଥାନ ନିରୂପଣ କରାଯାଇଛି। ଏପରି ସ୍ଥଳେ ମୁଖ୍ୟରାସ୍ତାକୁ ମରାମତି କରିବା ନେଇ କାହାରି ଆନ୍ତରିକତା ନାହିଁ ବୋଲି ଅଭିଯୋଗ ହୋଇଛି। ୧୫ ବର୍ଷ ତଳେ ଏହି ରାସ୍ତା ମରାମତି କରାଯାଇଥିଲା। ଏବେ ରାସ୍ତାର ଏଭଳି ଅବସ୍ଥା ଯୋଗୁ ଗାଁ ଲୋକଙ୍କଠାରୁ ଆରମ୍ଭ କରି ସ୍କୁଲ ପିଲା ପର୍ଯ୍ୟନ୍ତ ସମସ୍ତେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାଦିନେ ଜରୁରୀ ପରିସ୍ଥିତିରେ ଗାଁ ଭିତରକୁ ଆମ୍ବୁଲାନ୍ସ ପଶିପାରୁ ନାହିଁ। ମରାମତି ଲାଗି ଗାଁ ଲୋକେ ବହୁବାର ପ୍ରଶାସନଠାରେ ଗୁହାରି କରିଥିଲେ ମଧ କେହି ଶୁଣୁନାହାନ୍ତି। ନିରାଶ ହୋଇ ଏଭଳି ପଦକ୍ଷେପ ନେଇଥିବା ଗ୍ରାମବାସୀ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ବିଡିଓ ରେବେକା ବିଲୁଙ୍ଗଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

## ସଂକ୍ଷେପରେ

### ଫାର୍ମହାଉସ୍ ଜଗୁଆଳିଙ୍କ ମୃତ୍ୟୁ

ବଡ଼ସାହି,୨୦।୯(ସ୍ୱ.ପ୍ର)-ବଡ଼ସାହି ଥାନା ଅଧୀନ ଯମୁନା ଗ୍ରାମର ଏକ ଘରୋଇ ଫାର୍ମ ହାଉସର ଜଗୁଆଳିଙ୍କର ଶୁକ୍ରବାର ମୃତ୍ୟୁ ଘଟିଛି । ମୃତକ ହେଲେ ପଶ୍ଚିମମେଦିନୀପୁର ଜିଲା ନନ୍ଦବାଡ଼ି ଗ୍ରାମର ଗୌତମ ମହାକୁଡ଼(୫୦) । ବଡ଼ସାହି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ମୃତକଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି । ଗୌତମଙ୍କର ଦେହ ଅସୁସ୍ଥ ପରେ ଡ଼ାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା ।

### ୫ ଫେରାର ଅଭିଯୁକ୍ତ କୋର୍ଟ ଚାଲାଣ

ବଡ଼ସାହି,୨୦।୯(ସ୍ୱ.ପ୍ର)-ଶୁକ୍ରବାର ବଡ଼ସାହି ପୋଲିସ ୫ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଅଭିଯୁକ୍ତମାନେ ହେଲେ ଭୀମଦା ଗ୍ରାମର ସତ୍ୟବ୍ରତ ମଣ୍ଡଳ(୪୮), ଗଦାଧର ମଣ୍ଡଳ(୮୦) ଓ ଦିବାକର ଜେନା(୭୨) ଏବଂ ତାଳପଦା ଗ୍ରାମର ସ୍ୱର୍ଗତ ପ୍ରତିଜ୍ଞା ମୁଖିଙ୍କ ପତ୍ନୀ କଟି(୬୫) ଓ ପୁଅ ବାସୁଦେବ(୪୦) ।

### ସେବା ସପ୍ତାହରେ ମେଡିକାଲ ସଫେଇ

ଧାମନଗର, ୨୦।୯ (ଡି.ଏନ.ଏ.) - ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ଅବସରରେ ସେବା ସପ୍ତାହରେ ଧାମନଗର ଭାଜପା ସହରୀ ମଣ୍ଡଳ ପକ୍ଷରୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଫେଇ କରାଯାଇଛି। ସହରୀ ମଣ୍ଡଳ ସଭାପତି କୈଳାସ ମହାପାତ୍ର କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଦୋବଲ ଜୋନ୍ ଜିଲାପରିଷଦ ମନୋରଞ୍ଜନ ମଲ୍ଲିକ, ମଣ୍ଡଳ ସମ୍ପାଦକ ବିଜୟ କୁମାର ରାମ, ରାଜ୍ୟ ସଂଖ୍ୟାଲଘୁ ସେଲ୍ ସଦସ୍ୟ ଗୋଲାମ ଜିଲାନି ହବିବି ଓ ମହିଳା ମୋର୍ଚ୍ଚା ସଭାନେତ୍ରୀ ମାନସୀ ଜେନାଙ୍କ ସହ ଶତାଧିକ ଭାଜପା କର୍ମୀ ଏଥିରେ ସାମିଲ ହୋଇଥିଲେ। ମେଡିକାଲ ଅଫିସର ଡା. ଜ୍ୟୋତିର୍ମୟ ନାୟକ ଏହି କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ।

### କପ୍ତିପଦା ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ସ୍ୱାଗତ ଉତ୍ସବ

କପ୍ତିପଦା,୨୦।୯(ଡି.ଏନ୍.ଏ)-କପ୍ତିପଦା ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର +୨ ପ୍ରଥମ ବର୍ଷ ଓ +୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କର ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ଅଧକ୍ଷ ଦିଲ୍ଲୀପ କୁମାର ସିଂହ, ମୁଖ୍ୟବକ୍ତାଭାବେ ଦର୍ଶନ ବିଭାଗର ମୁଖ୍ୟ ସୁରଞ୍ଜନ ଶତପଥୀ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। +୩ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରଙ୍କ ସହଯୋଗରେ ଉତ୍ସବକୁ ବାଣିଜ୍ୟ ବିଭାଗର ଅଧାପକ ବ୍ରଜେନ୍ଦ୍ର ଖଣ୍ଡା ପରିଚାଳନା କରିଥିଲେ। ଶେଷ ପର୍ଯ୍ୟାୟରେ +୩ ବାଣିଜ୍ୟ ବିଭାଗର ସମସ୍ତ ଛାତ୍ରଛାତ୍ରୀଙ୍କୁ ନେଇ ଏକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା । ଉକ୍ତ ପାଠଚକ୍ରକୁ ବାଣିଜ୍ୟ ବିଭାଗର ମୁଖ୍ୟ ନୀରୋଜ କୁମାର ଖଣ୍ଟିଆ ପରିଚାଳନା କରିଥିଲେ ।

### ଅଙ୍ଗନୱାଡି କେନ୍ଦ୍ରରେ ଅନିୟମିତତା ନେଇ ବୈଠକ

ଚମ୍ପୁଆ,୨୦।୯(ଡି.ଏନ.ଏ.)- କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଜାମୁଦଲକ ପଞ୍ଚାୟତର ମଙ୍ଗଳପୁର ଅଙ୍ଗନୱାଡି କେନ୍ଦ୍ରରେ ଅନିୟମିତତା ସମ୍ପର୍କରେ ଆୟୋଜିତ ଏକ ବୈଠକରେ ସ୍ଥାନୀୟ ସରପଞ୍ଚ ରମେଶ ମୁଣ୍ଡା, ସପୁରଭାଇଜର ସୁମିତ୍ରା ମହାନ୍ତ, ଅବସରପ୍ରାପ୍ତ ଶିକ୍ଷକ ଏମ୍. ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଅଙ୍ଗନୱାଡି କେନ୍ଦ୍ରରେ ଖାଦ୍ୟ ଯୋଗାଣରେ ଅବ୍ୟବସ୍ଥା, ଯାଞ୍ଚ କମିଟ, ମାତୃ କମିଟି ଗଠନର ପାତରଅନ୍ତର ଓ ଅସହଯୋଗ ଭଳି ଅଭିଯୋଗ ଆସିଥିଲା। ଉପସ୍ଥିତ ଜନସାଧାରଣଙ୍କ ମତାମତକୁ ଗ୍ରହଣ କରାଯାଇ ବୈଠକରେ ଯାଞ୍ଚ କମିଟିର ପୁନଃ ଗଠନ ସହ ମାତୃ କମିଟି ଗଠନ କରାଯାଇଥିଲା। ଯାଞ୍ଚ କମିଟିର ସଦସ୍ୟମାନେ ଅଙ୍ଗନୱାଡି କେନ୍ଦ୍ରରେ ଦିଆଯାଉଥିବା ଖାଦ୍ୟର ମାନ ପରୀକ୍ଷା ଆଦି ଯାଞ୍ଚ କରିବେ ବୋଲି ସରପଞ୍ଚ ମୁଣ୍ଡା ସୂଚନା ଦେଇଥିଲେ। ସୁପରଭାଇଜର ସୁମିତ୍ରା ମହାନ୍ତ ନିୟମ ଅନୁଯାୟୀ ଖାଦ୍ୟ ଯୋଗାଣ ହେବ ବୋଲି କହିଥିଲେ।

# ସିସିଟିଭି ଜଗିବ ଦୁର୍ଗାପୂଜା ମଣ୍ଡପ

ଭଦ୍ରକ ଅଫିସ,୨୦।୯



ପ୍ରସ୍ତୁତି ବୈଠକରେ ଜିଲାପାଳ ଜ୍ଞାନରଞ୍ଜନ ଦାସ, ଏସ୍‌ପି ରାଜେଶ ପଣ୍ଡିତ ଓ ଅନ୍ୟମାନେ।

ପାଖେଇ ଆସୁଛି ଦୁର୍ଗାପୂଜା। ଏଥିପାଇଁ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ସହରର ସମସ୍ତ ପୂଜା କମିଟି କର୍ମକର୍ତ୍ତା ଓ ଶାନ୍ତି ସମନ୍ୱୟ କମିଟି ସଦସ୍ୟଙ୍କୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାସ ଏଥିରେ ପୌରୋହିତ୍ୟ କରିଥିଲେ। ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ବୈଠକରେ ଏସ୍‌ପି ରାଜେଶ ପଣ୍ଡିତ, ଅତିରିକ୍ତ ଏସ୍‌ପି କୈଳାସ ପରିଡ଼ା, ଉପଜିଲାପାଳ ପୀତାମ୍ବର ସାମଲ, ସିଡିଏମ୍‌ଓ ଡା. ପ୍ରଦୀପ ଖୁଣ୍ଟିଆ, ପୌରନିର୍ବାହୀ ଅଧିକାରୀ ମନୋରମା ଭୂୟାଁ, ଡେପୁଟି କଲେକ୍ଟର ଜୟଶ୍ରୀ ସେନାପତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚଳିତବର୍ଷ ପୂଜା ମଣ୍ଡପରେ ପ୍ଲାଷ୍ଟିକ ବ୍ୟବହାର ଓ ଅପେରା ପ୍ରଦର୍ଶନକୁ ନିଷିଦ୍ଧ କରାଯାଇଥିବା ବେଳେ କମିଟିଗୁଡ଼ିକ ତୋରଣ ରାସ୍ତା ଅତିକ୍ରମ କରାଇବେ ନାହିଁ। ଏହାଛଡ଼ା କମିଟି ପକ୍ଷରୁ ସମସ୍ତ ପୂଜା ମଣ୍ଡପରେ କ୍ଲୋଜ ସର୍କିଟ କ୍ୟାମେରା ଲଗାଯିବା ସହିତ ଅଗ୍ନିନିର୍ବାପକ ବ୍ୟବସ୍ଥା ବାଧ୍ୟତାମୂଳକ କରାଯାଇଛି।

ମଣ୍ଡପକୁ ଭକ୍ତମାନଙ୍କ ଯିବାଆସିବା ପାଇଁ ପ୍ରବେଶ ଓ ପ୍ରସ୍ଥାନର ଅଲଗା ଦ୍ୱାର କରାଯିବ, ଡାକବାଜି ଯନ୍ତ୍ର ଧୀର ଶବ୍ଦରେ ବଜାଯିବ। ସମସ୍ତ କମିଟି ପୂଜା ପୂର୍ବରୁ ବିଦ୍ୟୁତ୍ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଅନୁମତିପତ୍ର ହାସଲ କରିବା ବାଧ୍ୟତାମୂଳକ ବୋଲି ଜିଲାପାଳ ସୂଚନା ଦେଇଥିଲେ। ଏହି ସମୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆମ୍ବୁଲାନ୍ସ ସଜାଗ ରଖିବାକୁ ସିଡିଏମ୍‌ଓଙ୍କୁ କୁହାଯାଇଥିଲା। ପୂଜା କମିଟି ମଣ୍ଡପ ନିକଟକୁ ଆମ୍ବୁଲାନ୍ସ ଏବଂ ଦମକଳ ଯିବା ଭଳି ରାସ୍ତା ରଖିବେ। ପୂଜା ପରେ ମୂର୍ତ୍ତିକୁ ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯିବ। ଯେପରି କେହି ସୋସିଆଲ ମିଡିଆରେ ଆପତ୍ତିଜନକ ମନ୍ତବ୍ୟ ଦେଇ ପୋଷ୍ଟ ନ କରନ୍ତି, ସେଥିପ୍ରତି କମିଟି କର୍ମକର୍ତ୍ତା ଦୃଷ୍ଟି ଦେବାକୁ ଗୁରୁତ୍ୱାରୋପ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ବ୍ୟାପକ ବନ୍ଦୋବସ୍ତ କରାଯାଉଛି ବୋଲି ଏସ୍‌ପି ସୂଚନା ଦେଇଥିଲେ। ବୈଠକରେ ସମସ୍ତ ପୂଜା କମିଟି ସଭାପତି ଓ ସମ୍ପାଦକ ସେମାନଙ୍କ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ବହୁ ଜିଲାସ୍ତରୀୟ ଓ ପୋଲିସ ଅଧିକାରୀ ବୈଠକରେ ଯୋଗ ଦେଇଥିଲେ।

## ଲିଙ୍ଗଗତ ସମ୍ବେଦନଶୀଳତା ପାଇଁ ପ୍ରଶିକ୍ଷଣ



ତାଲିମ ଶିବିରରେ ଯୋଗ ଦେଇଥିବା କର୍ମଚାରୀ ଓ ସ୍ୱେଚ୍ଛାସେବୀ।

ପଦ୍ମପୁର, ୨୦।୯ (ଡି.ଏନ.ଏ.)

ବାସୁଦେବପୁର ବ୍ଲକ ସୁଗୋ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଲିଙ୍ଗଗତ ସମ୍ବେଦନଶୀଳତା ଓ ପଞ୍ଚାୟତ ବିକାଶ ଯୋଜନା ପାଇଁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା ଏହି ତିନିଦିନିଆ ଶିବିରରେ ସୁଗୋ, ପଦ୍ମପୁର, ଏଡତାଳ ଓ ଗୁଆଗଡିଆ ପଞ୍ଚାୟତର ସରପଞ୍ଚ, ଗ୍ରାମରୋଜଗାର ସେବକ, ଆଶା, ଅଙ୍ଗନୱାଡି କର୍ମୀ, କାର୍ଯ୍ୟନିର୍ବାହୀ ଅଧିକାରୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ ମହାସଂଘର ସଭ୍ୟା ଏବଂ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷାର୍ଥୀମାନଙ୍କୁ ପଞ୍ଚାୟତ ବିକାଶ ଯୋଜନାରେ ଲିଙ୍ଗଗତ, ସମାନତା ରକ୍ଷା, ପଞ୍ଚାୟତ ବିକାଶ ଯୋଜନା ପାଇଁ ତୃଣମୂଳସ୍ତରରେ ପ୍ରସ୍ତୁତି, ଶିଶୁ ବନ୍ଧୁତ୍ୱପୂର୍ଣ୍ଣ ପଞ୍ଚାୟତର ଗଠନ, ପଞ୍ଚାୟତିରାଜ ଅନୁଷ୍ଠାନର ନିର୍ବାଚିତ ପ୍ରତିନିଧି ଓ ସରକାରୀ କର୍ମଚାରୀଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ବିଷୟରେ ଆଲୋକପାତ କରାଯାଇଥିଲା। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ଓ ଭଦ୍ରକ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ତାଲିମଦାତା ସାଧନା ନାୟକ ଓ ଜୟଶ୍ରୀ ମହାନ୍ତି ତାଲିମ ପ୍ରଦାନ କରିଥିଲେ।

## 'ବାଳିକା ହାଇସ୍କୁଲରେ ସମନ୍ୱିତ ଶିକ୍ଷା ବ୍ୟବସ୍ଥା ହେଉ'

ବଉଳା, ୨୦।୯ (ଡି.ଏନ.ଏ.)–

ଶିକ୍ଷାର ମାନବୃଦ୍ଧି ସହିତ ବ୍ୟବସ୍ଥାଗତ ସଂସ୍କାର ଆଣିବା ଲକ୍ଷ୍ୟରେ ସରକାର ଅଷ୍ଟମ ଶ୍ରେଣୀକୁ ହାଇସ୍କୁଲରୁ ଅଲଗା କରିବା ପରେ କେନ୍ଦୁଝର ଜିଲା ହାଟଡ଼ିହି ବ୍ଲକ ଅଧୀନ ସୋସୋ ପଞ୍ଚାୟତ କାନପୁରରେ ଥିବା ବାଳିକା ହାଇସ୍କୁଲର ସ୍ଥିତି ବଦଳି ଯାଇଛି। ବର୍ତ୍ତମାନ ୯ମ ଶ୍ରେଣୀରେ ୧୦ ଓ ୧୦ମ ଶ୍ରେଣୀରେ ୧୫ ଜଣଙ୍କୁ ମିଶାଇ ମୋଟ ୨୫ ଛାତ୍ରୀ ଅଧ୍ୟୟନ କରୁଛନ୍ତି । ଅଷ୍ଟମ ଶ୍ରେଣୀ ଉଠିଯିବା ପରେ ଛାତ୍ରୀମାନେ ଆଉ ଏଠାକୁ ଫେରବାକୁ ଇଚ୍ଛା କରୁ ନ ଥିବାରୁ ଛାତ୍ରୀ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଏଭଳି ସ୍ଥିତିରେ ବିଦ୍ୟାଳୟରେ ସମନ୍ୱିତ ଶିକ୍ଷା ପ୍ରଦାନ କରି ଶିକ୍ଷାନୁଷ୍ଠାନର ଐତିହ୍ୟ ଓ ଗୌରବ ରକ୍ଷା କରାଯାଉ ବୋଲି ବୁଦ୍ଧିଜୀବୀ, ଶିକ୍ଷାବିତ୍‌ଙ୍କ ସମେତ ବିଦ୍ୟାଳୟର ପ୍ରତିଷ୍ଠାତାମାନେ ଦାବି କରିଛନ୍ତି।

ଗ୍ରାମର ଆଞ୍ଚଳିକ ବିକାଶ ମଞ୍ଚର ସଭାପତି ବିଶ୍ୱରଞ୍ଜନ ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ତୈଲୋଚନ ନାୟକ, ପୂର୍ବତନ ସମିତି ସଭ୍ୟ ଚୈତନ୍ୟ ମହାପାତ୍ର, ଅକ୍ଷୟ ବେହେରା, ଉତ୍ତମ ବେହେରା, ସୁରେଶ ଖମାରୀ, ଅଜିତ୍ ରାଉତ, ଜୟନ୍ତୀ ନାୟକ, ସୁଲୋଚନା ପାଣିଗ୍ରାହୀ, ପ୍ରସନ୍ନ ବେହେରା, ରମେଶ ରାଉତ, ରଞ୍ଜନ ରାଉତ, ଶତ୍ରୁଘ୍ନ ରାଉତ, ପ୍ରଦ୍ୟୁମ୍ନ ବେହେରା, ପ୍ରଫୁଲ୍ଲ ଜେନା ପ୍ରମୁଖ ଏହି ସୂଚନା ଦେଇ କହିଛନ୍ତି, ସ୍ଥାନୀୟ ଅଞ୍ଚଳର ବାଳିକାମାନଙ୍କୁ ଶିକ୍ଷାଦେଇ ମୁଖ୍ୟ ସ୍ରୋତରେ ସାମିଲ କରିବା ଲକ୍ଷ୍ୟରେ ୧୯୮୩ରେ ଗ୍ରାମବାସୀଙ୍କ ଉଦ୍ୟମରେ ବିଦ୍ୟାଳୟ ଆରମ୍ଭ କରାଯାଇଥିଲା । ଏଠାରେ ଭିତ୍ତିଭୂମି ବ୍ୟବସ୍ଥା ସୁଦୃଢ ଥିଲେ ମଧ୍ୟ ଶିକ୍ଷାନୁଷ୍ଠାନର ସାମ୍ପ୍ରତିକ ସମସ୍ୟା ପ୍ରତି କାହାରି ନଜର ଦେଇ ନାହିଁ । ଶିକ୍ଷା ପ୍ରଶାସନ ସମ୍ପୂର୍ଣ୍ଣ ନୀରବଦ୍ରଷ୍ଟା ସାଜିଛି। ପୂର୍ବରୁ ଦେଢ଼ ଶହରୁ ଊର୍ଦ୍ଧ୍ୱ ଛାତ୍ରୀ ବିଦ୍ୟାଳୟରେ ଶିକ୍ଷାଲାଭ କରି ପରିବେଶର ସୌନ୍ଦର୍ଯ୍ୟକରଣ କରୁଥିବା ବେଳେ ଏବେ ପରିବେଶ ଶ୍ରୀହୀନ ହୋଇପଡିଛି। ଏଣୁ ଜିଲାପାଳ ଏ ଦିଗରେ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବା ସକାଶେ ଆଞ୍ଚଳିକ ବିକାଶ ମଞ୍ଚର ପକ୍ଷରୁ ଦାବି କରାଯାଇଛି।

### କ୍ଲଷ୍ଟରସ୍ତରୀୟ ବିଭିନ୍ନ ପ୍ରତିଯୋଗିତା

ଆରଡ଼ି, ୨୦।୯ (ଡି.ଏନ.ଏ.)– ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ପହଣା ପ୍ରାଥମିକ ବିଦ୍ୟାଳୟରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଶୁକ୍ରବାର କ୍ଲଷ୍ଟରସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ହୃଦାନନ୍ଦ ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆୟୋଜିତ ସଭାରେ ଅଧକ୍ଷତା କରିଥିଲେ ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜୁଳତା ପୁହାଣ। ପହଣା କ୍ଲଷ୍ଟର ସିଆର୍‌ସିସି ମଙ୍ଗୁଳି ଚରଣ ସେଠୀ, ବରିଷ୍ଠ ଶିକ୍ଷକ ଭରତହରି ସେଠୀ, ଚିତ୍ତରଞ୍ଜନ ମହାନ୍ତି, ପୀତବାସ ନାୟକ ଓ ସୁବୋଧ ଖୁଣ୍ଟିଆ ପ୍ରମୁଖ ପ୍ରତିଯୋଗିତା ସମ୍ପର୍କିତ ଉଦ୍‌ବୋଧନ ଦେଇଥିଲେ। ପରେ ଜୁନିୟର ଓ ସିନିୟର ଭିତ୍ତିରେ ୫୮ ଜଣ ପ୍ରତିଯୋଗୀ ବକ୍ତୃତା, ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କୁ ବ୍ଲକସ୍ତରୀୟକୁ ମନୋନୀତ କରାଯାଇଛି।

### ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

ଖଇରା,୨୦।୯(ଡି.ଏନ.ଏ.)– ଖଇରା ବ୍ଲକ୍ ପଳାଶପୁର ସତ୍‌ସଙ୍ଗ କେନ୍ଦ୍ର ପରିସରରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୨ତମ ଜନ୍ମ ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସତ୍‌ସଙ୍ଗ କେନ୍ଦ୍ରର ସଭାପତି ସୁଦାମ ଚରଣ ରାଉତଙ୍କ ପୌରୋହିତ୍ୟରେ ଆଞ୍ଚଳିକ ଗୁରୁମା ଓ ଗୁରୁଭାଇମାନଙ୍କର ଇଷ୍ଟକର୍ମ ମାଧ୍ୟମରେ ମହାଆନନ୍ଦରେ ଠାକୁରଙ୍କର ସମସ୍ତ କାର୍ଯ୍ୟକ୍ରମ ସମାପନ ହୋଇଥିଲା। ଭାଗବତ ପ୍ରସାଦ ପଣ୍ଡା ଯୋଗଦାନ କରି ଠାକୁରଙ୍କର ଧର୍ମ ସମ୍ବନ୍ଧରେ ଆଲୋଚନା କରିଥିଲେ। ଇଷ୍ଟପ୍ରାଣ ଗୁରୁଭାଇ ମହେନ୍ଦ୍ର ନାୟକ, ବଂଶୀଧର ନାୟକ, ନାରାୟଣ ମହାକୁଡ, ଶ୍ରୀଧର ନାୟକ, ବୀରେନ୍ଦ୍ର ନାୟକ, ରାଜେନ୍ଦ୍ର ନାୟକ, ରତ୍ନାକର ବେହେରା ଏବଂ ଗୁରୁମା କୁନ୍ତଳା ମହାରଥା, ବୀଣାପାଣି ନାୟକ, ଶାନ୍ତିଲତା ପରିଡା, ମନ୍ଦାକିନୀ ମୁଖୀ, ସବିତା ନାୟକ, ସୁନୀତା ନାୟକ, ଅନିତା ନାୟକ, ସଞ୍ଜୁଲତା ବାରିକଙ୍କ ସମେତ ଶତାଧିକ ଗୁରୁମା ଓ ଗୁରୁଭାଇ ମାନେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

### ଭାଜପା ପକ୍ଷରୁ ଦୀପଦାନ

ତିହିଡ଼ି, ୨୦।୯ (ଡି.ଏନ.ଏ.) – ଚାନ୍ଦବାଲି ନିର୍ବାଚନମଣ୍ଡଳୀ ତିହିଡ଼ି ବ୍ଲକ ଅଧୀନ ଭାଜପା ଲଙ୍କେଶ୍ୱରୀ ମଣ୍ଡଳର ନେତା ଓ କର୍ମୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ମନ୍ଦିରରେ ଦୀପଦାନ କରିଥିଲେ। ପୀରହାଟସ୍ଥିତ କାଳୀ ମନ୍ଦିରରେ ୬୯ ଟି ଦୀପ ଜାଳି ସେମାନେ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ। ମଣ୍ଡଳ ସଭାପତି ଶଶୀକାନ୍ତ ବିଶ୍ୱାଳ, ଜିଲା ସମ୍ପାଦକ ସଂଗ୍ରାମ ମହାନ୍ତି, ସୁଶାନ୍ତ ନାୟକ, କମଳାକାନ୍ତ ନାୟକ, ଅଭୟ କର, ଗଙ୍ଗାଧର ପରିହାରୀ, ପଦ୍ମନାଭ ଦାସ, ରାଜେନ୍ଦ୍ର ଖଟୁଆ, କୃଷ୍ଣଚନ୍ଦ୍ର ରାଉତ, ଗୋପୀନାଥ ବାରିକ, ନୀଳମଣି ପରିଡ଼ା ଓ ଧୀରେନ୍ଦ୍ର ପାଣ୍ଡବ ପ୍ରମୁଖ ଦୀପ ଜାଳିଥିଲେ।

## କାର୍ଯ୍ୟାଳୟରେ ନାହିଁ ପିଇବା ପାଣି ସୁବିଧା

କୋଲିମାଟି,୨୦।୯(ଡି.ଏନ.ଏ.)–

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ଅଧୀନ କୋଲିମାଟି ପଞ୍ଚାୟତ କାର୍ଯ୍ୟାଳୟରେ ପିଇବା ପାଣି ଭଳି ସୁବିଧା ନାହିଁ କି ଭିତ୍ତିଭୂମିର ବିକାଶ ହେଉ ନାହିଁ। ଫଳରେ ଚାଉଳ ଓ ଭତ୍ତା ନେବାକୁ ଆସୁଥିବା ହିତାଧିକାରୀ ଓ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ବୃଦ୍ଧାବୃଦ୍ଧମାନେ ଘଣ୍ଟା ଘଣ୍ଟା ଅପେକ୍ଷା କଲାବେଳେ ହଇରାଣ ହୋଇ କୋଲିମାଟି ବଜାରକୁ ଯାଇ ପିଇବା ପାଣି ଆଣୁଛନ୍ତି। ପଞ୍ଚାୟତ ପରିଦର୍ଶନ ପାଇଁ ବ୍ଲକ ପ୍ରଶାସନିକ ଅଧିକାରୀ ଓ ନେତାମାନେ ଆସୁଥିଲେ ବି ପାନୀୟ ଜଳାଭାବ ସମସ୍ୟା ପ୍ରତି କାହାରି ନଜର ପଡୁନାହିଁ । ଉଚ୍ଚ କର୍ତ୍ତୃପକ୍ଷ ପଞ୍ଚାୟତ କାର୍ଯ୍ୟାଳୟର ଆନୁଷଙ୍ଗିକ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ କୋଲିମାଟିର ବିଭିନ୍ନ ଗ୍ରାମବାସୀ ଦାବି କରିଛନ୍ତି।

## ହାଇୱା ମାଲିକ ସଂଘର ବାର୍ଷିକ ଉତ୍ସବ


ଶୁଭେନ୍ଦୁ ଭୂଷଣ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାସୁଦେବପୁର/ପଦ୍ମପୁର, ୨୦।୯(ଡି.ଏନ.ଏ.)

ବାସୁଦେବପୁର ବ୍ଲକ ବିରସଠାରେ ହାଇୱା ମାଲିକ ସଂଘର ୧ମ ବାର୍ଷିକ ଉତ୍ସବ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ରାଜକିଶୋର ଦାସ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ଅସିତ କୁମାର ଦାସ ଏବଂ ଅନ୍ୟତମ ଅତିଥି ଭାବେ ଯୁବ ଶିଳ୍ପପତି ଶୁଭେନ୍ଦୁ ଭୂଷଣ ବେହେରା, ଧାମରା ଟ୍ରକ-ଟିପ୍ପର ସଂଘର ଉପସଭାପତି ଜୟନ୍ତ କୁମାର ବେହେରା ଯୋଗ ଦେଇଥିଲେ। ସଭାରେ ଆଗାମୀ ଦିନରେ ଟ୍ରକ, ଟିପ୍ପର ଓ ହାଇୱା ଚାଳକମାନଙ୍କୁ ଟ୍ରାଫିକ ନିୟମ ବିଷୟରେ ସଚେତନ କରାଇବା, ଅଞ୍ଚଳର ମେଧାବୀ ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ, ପରିବେଶ ସୁରକ୍ଷା ପାଇଁ ରାସ୍ତାପାର୍ଶ୍ୱରେ ଚାରାରୋପଣ ଆଦି କାର୍ଯ୍ୟକ୍ରମ ହାତକୁ ନେବା ଉପରେ ସଂଘର ସଭାପତି ବଂଶୀଧର ବିଶ୍ୱାଳ ଓ ସମ୍ପାଦକ କୃଷ୍ଣଚନ୍ଦ୍ର ଘଡ଼ାଇ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଶିଳ୍ପପତି ବେହେରା, ଧାମରା ଟିପ୍ପର ସଂଘର ଉପସଭାପତି ବେହେରା ଓ ପ୍ରଦୀପ ନାୟକଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ପରିଚାଳନା ମୁଖ୍ୟ ମୁରଲୀଧର ବେହେରା ଧନ୍ୟବାଦ ଦେଇଥିଲେ।

## ଡାକ ବିଭାଗ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ସଚେତନତା

ଚମ୍ପୁଆ, ୨୦।୯ (ଡି.ଏନ.ଏ.)



ଡାକ କର୍ମଚାରୀ ସଫେଇ କରୁଛନ୍ତି।

କେନ୍ଦୁଝର ଜିଲା ଚମ୍ପୁଆ ଡାକ ବିଭାଗ ପକ୍ଷରୁ ସ୍ୱଚ୍ଛତା ଓ ପ୍ଲାଷ୍ଟିକ ମୁକ୍ତ ସହର ଗଠନ ଲାଗି ଶୁକ୍ରବାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚମ୍ପୁଆ ଉପଡାକଘର ପୋଷ୍ଟମାଷ୍ଟର ଲିଙ୍ଗରାଜ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡାକଘର କର୍ମଚାରୀ କୁଶଧର ମୁଣ୍ଡା,ଅମିତ କୁମାର ସିଂ, ମଧୁସୂଦନ ବାରିକ, ରତ୍ନାକାର ଠାକୁର, ଶକୁନ୍ତଳା ମୁଣ୍ଡା, କୀର୍ତ୍ତନ ବିହାରୀ ଚୌଧୁରୀ, ସନାତନ ମହାକୁଡ, ଦଶରଥ ମହାକୁଡ, କର୍ଣ୍ଣ ମହାନ୍ତ ଓ ରାମଚନ୍ଦ୍ର ପ୍ରଧାନ ପ୍ରମୁଖ ଡାକଘର ପରିସରକୁ ସଫା କରିବା ସହିତ ଚମ୍ପୁଆ ବସ୍‌ଷ୍ଟାଣ୍ଡଠାରେ ସଫେଇ କାର୍ଯ୍ୟ କରିଥିଲେ। ପ୍ଲାଷ୍ଟିକ ଯୋଗୁ ବଢୁଥିବା ପ୍ରଦୂଷଣ ରୋକିବା ପାଇଁ ଏହାକୁ ବ୍ୟବହାର ନ କରିବା ସକାଶେ ଡାକ କର୍ମଚାରୀମାନେ ଲୋକଙ୍କୁ ସଚେତନ କରାଇଥିଲେ। ସ୍ୱଚ୍ଛ ଭାରତ ଅଭିଯାନ ଆନୁକୂଲ୍ୟରେ ସ୍ୱଚ୍ଛତା ପକ୍ଷ ପାଳନ ପରିପ୍ରେକ୍ଷୀରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ସଫେଇ

ବାହାନଗା, ୨୦।୯(ଡି.ଏନ.ଏ.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମତିଥି ସପ୍ତାହ ପାଳନ ଅବସରରେ ବାଲେଶ୍ୱର ଜିଲା ବାହାନଗା ବ୍ଲକ ଭାଜପା ତରଫରୁ ଗୋପାଳପୁର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱଚ୍ଛ ଭାରତ ଅଭିଯାନ ତରଫରୁ ସଫେଇ କରାଯିବା ସହିତ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଛି। ବାହାନଗା ବ୍ଲକ ଅଧ୍ୟକ୍ଷା ସରସ୍ୱତୀ ମହାଳିକ ଓ ସୋର ଭାଜପା ନେତା ରାକେଶ ମଲିକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଜିଲା ଭାଜପା ସାଧାରଣ ସମ୍ପାଦକ ମିହିରି ପାଣି, ନୂଆପୁର ସରପଞ୍ଚ ମନୋରମା ମଳିକ, ରବୀନ୍ଦ୍ର ମହାଳିକ, ସୋରର ଜୟନ୍ତ କୁମାର ସ୍ୱାଇଁ, ମୃତ୍ୟୁଞ୍ଜୟ ଯେନା, ମନିଷା ଚିନ୍ମୟୀ ବେହେରା, ପୂଜା ତରେଇ, ଜୟନ୍ତ ମହାନ୍ତି, ଗଣେଶ ପଣ୍ଡା, ମିଥୁନ୍ ମହାଳିକ, ଅମର ବେହେରା, ନିରଞ୍ଜନ ପଣ୍ଡା, ଅମିତ୍ ନାୟକ, ଦେବକାନ୍ତ ମଲ୍ଲିକ୍, ଶ୍ରୀଧର ମଳିକ, ଶ୍ରୀମନ୍ତ ମହାଳିକ, ପିତାମ୍ବର ମହାଳିକ, ଗୌତମ ମହାଳିକ, ସଂଘମିତ୍ରା ସାହୁ, ପୁଷ୍ପାରାଣୀ ମହାରଣା ପ୍ରମୁଖ ଦଳୀୟ ନେତା ଓ କର୍ମୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟମାନଙ୍କୁ ପଲଥିନ୍ ବ୍ୟବହାର ନ କରିବା ପାଇଁ ସଚେତନ କରାଯାଇଥିଲା। ସେହିପରି ଖନ୍ତାପଡା ଦାଣ୍ଡକାଳୀ ମଣ୍ଡଳ ତରଫରୁ ଜନ୍ମ ସପ୍ତାହ ପାଳନ ଅବସରରେ ଖନ୍ତାପଡା ବଜାର ଓ ଖନ୍ତାପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରକୁ ସଫେଇ କରାଯାଇଥିଲା। ମଣ୍ଡଳ ସଭାପତି ଦିଲୀପ କୁମାର ଦାସଙ୍କ ନେତୃତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା।


ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଫେଇ କରାଯାଉଛି।

## ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର

ଭଦ୍ରକ ଅଫିସ, ୨୦।୯–

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ନିଃସ୍ୱାର୍ଥପର ଜନସେବା, ରାଷ୍ଟ୍ରବାଦୀ ଦୃଢ଼ମନା ନେତୃତ୍ୱ ଦେଶବାସୀଙ୍କ ହୃଦୟରେ ଲିପିବଦ୍ଧ ହୋଇ ରହିଛି ବୋଲି ଆମ ମାତୃଭାଷା ପରିଷଦ ପକ୍ଷରୁ ଅନୁଷ୍ଠିତ ସଂକ୍ରାନ୍ତି ଆସରରେ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଭଦ୍ରକ ସହର କଲ୍ୟାଣୀନଗରଠାରେ ଆୟୋଜିତ ସଂକ୍ରାନ୍ତି ଆସରରେ ପୌରୋହିତ୍ୟ କରିଥିଲେ ପରିଷଦର ସଭାପତି ଇଂ. ଅଭୟ ସୂତାର। ପ୍ରାଧ୍ୟାପକ ଡ. ଶଶଧର ଦାସ ମୁଖ୍ୟଅତିଥି, ପ୍ରାଧ୍ୟାପକ ଗୋଲକ ବିହାରୀ ସାହୁ ଉଦ୍‌ଘାଟକ, ଅଧ୍ୟାପିକା ସୁକାନ୍ତି ମହାପାତ୍ର ମୁଖ୍ୟବକ୍ତା ଏବଂ ଅଧ୍ୟାପକ ନୀହାର ରଞ୍ଜନ କର ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। 'ଓଡ଼ିଆ କାବ୍ୟ ଜଗତରେ ଉତ୍କଳମଣି ଗୋପବନ୍ଧୁ' ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଫେସର ଅଟଳ ବିହାରୀ ନାୟକ, ପ୍ରାଧ୍ୟାପକ ବାସୁଦେବ ବାରିକ, ଶିକ୍ଷାବିତ୍ ଗୟାଧର ପଣ୍ଡା, ନାଟ୍ୟ ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି, କବି କରୁଣାକର ବେହୁରିଆ, ପ୍ରାଧ୍ୟାପିକା ଭାନୁମତୀ ମାଟିଆ, ନାଟ୍ୟଶ୍ରୀ ନିର୍ମଳ ରାଉତ ଓ ଶିଳ୍ପୀ ଅଶୋକ କୁମାର ମହାନ୍ତି ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କବି ବିନୋଦ ବିହାରୀ ବାରିକଙ୍କ କାବ୍ୟ ସତୀ ସୁଲୋଚନା ପୁସ୍ତକ ଉନ୍ମୋଚନ କରାଯାଇଥିଲା। କବୟିତ୍ରୀ ଗୀତାରାଣୀ ଆଇଚ କାବ୍ୟ ପୁସ୍ତକକୁ ସମୀକ୍ଷା କରିଥିଲେ। କବୟିତ୍ରୀ ଅନୁରାଧା ମିଶ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। କବିତାଗୁଡ଼ିକୁ ସମୀକ୍ଷା କରିଥିଲେ କବୟିତ୍ରୀ ବସନ୍ତ ମିଶ୍ର। କବି ବିପ୍ଳବ ହୋତା, ବସନ୍ତ ପାତ୍ର, ବାବୁଲାଲ ଦାସ, ମୁସ୍ତାକ ଗହ୍ୱର, ମନୋରମା ରାୟ ଓ ଆଇନଜୀବୀ ମନୋରଞ୍ଜନ ଦାସ ପ୍ରମୁଖ କବିତା ପାଠ କରିଥିଲେ। ସମ୍ପାଦକ ଡା. ଅନିଲ ଦାଶ ଅତିଥି ପରିଚୟ ଓ କୋଷାଧ୍ୟକ୍ଷା ମମତାରାଣୀ ଦାଶ ଧନ୍ୟବାଦ ଦେଇଥିଲେ। ବିଜୟଶ୍ରୀ ଗୋକୁଳାନନ୍ଦ ରାଉତ ସଭା ପରିଚାଳନା କରିଥିଲେ।

## ସଂକ୍ଷେପରେ



### ଚୋରି ବାଇକ ଉଦ୍ଧାର, ମୁଖ୍ୟ ଅଭିଯୁକ୍ତ ଗିରଫ

ବଡବିଲ, ୨୦।୯(ସ୍ୱ.ପ୍ର.)-କେନ୍ଦୁଝର ଜିଲା ବଲାଣୀ ଥାନା ପୋଲିସ ଶୁକ୍ରବାର ଏକ ଚୋରି ବାଇକ ଉଦ୍ଧାର କରିବା ସହ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଛି। ଗିରଫ ଅଭିଯୁକ୍ତ ହେଲେ ବଡବିଲ ମହାନ୍ତ ବସ୍ତି ଅଞ୍ଚଳରେ ରହୁଥିବା ପଶ୍ଚିମବଙ୍ଗ ରାଜ୍ୟ ମୁର୍ଶିଦାବାଦର ଚାଇନା ଓରଫ୍ ମୁଶ୍ରାଲିମ ସୈଖ୍। ବଲାଣୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀକାନ୍ତ ସାହୁ ଏହି ସୂଚନା ଦେଇ କହିଛନ୍ତି, ଅଭିଯୁକ୍ତ ଚାଇନାଙ୍କୁ ଶୁକ୍ରବାର ଅପରାହ୍ଣରେ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ବଲାଣୀ ଥାନାରେ ଏକ ମାମଲା (ନଂ. ୫୮/୨୦୧୯)ହୋଇଛି। ଚାଇନା ଆହୁରି ୩ଟି ଚୋରିବାଇକ ବଲାଣୀ ଅଞ୍ଚଳର ବିଭିନ୍ନ ଲୋକଙ୍କୁ ହସ୍ତାନ୍ତର କରିଥିବା ସ୍ୱୀକାର କରିଛି।

### ମହିଳା ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ

ହାଟଡିହୀ,୨୦।୯(ସ୍ୱ.ପ୍ର.)- ହାଟଡିହୀ ବ୍ଲକ ଅନ୍ତର୍ଗତ ଛେନାପଦୀ ସ୍ଥିତ ବିଶ୍ୱତାରିଣୀ ମହିଳା ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରାଧାପକ ରବୀନ୍ଦ୍ର କୁମାର ଜେନା ଉତ୍ସବରେ ସଭାପତିତ୍ୱ କରିଥିଲେ। ମଧୁପୁର ମହାବିଦ୍ୟାଳୟର ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡା ମୁଖ୍ୟଅତିଥି, ସୁଜନପୁର ଆଞ୍ଚଳିକ ମହାବିଦ୍ୟାଳୟର ବରିଷ୍ଠ ଅଧାପକ ବିଜୟ କୁମାର ଦାସ ମୁଖ୍ୟବକ୍ତା ଏବଂ ମୁଗପାଳ ଉପେନ୍ଦ୍ର ସାରଳା ମହବିଦ୍ୟାଳୟର ଅଧାପକ ପ୍ରଦୀପ କୁମାର ପହୀ ସମ୍ମାନନୀୟ ଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧାପିକା ଉଷା ଦାସ, ଡ.ମମତା ବିଶୋୟୀ, ରାଜଶ୍ରୀ ଗୋସ୍ୱାମୀ,ସୁକାନ୍ତି ମହାପାତ୍ର,ବେଦମତୀ ନାୟକ, ହିମାଂଶୁ ମିଶ୍ର, ପ୍ରଶାନ୍ତପହୀ, ସୁବାସ ପାତ୍ର ଏବଂ ଆରତୀ ମଜୁମଦାର ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ବାର୍ଷିକ କ୍ରୀଡାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।

### ବିଶ୍ୱକର୍ମା ପୂଜା ଭଜନ ସମାରୋହ

କେନ୍ଦୁଝର, ୨୦।୯ (ସ୍ୱ.ପ୍ର.)- ବିଶ୍ୱକର୍ମା ପୂଜା ଉପଲକ୍ଷେ ୧୮ ତାରିଖ ଓ ୧୯ ତାରିଖ ଦୁଇ ଦିନ ଧରି ଶୁଆକାଟୀସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ପକ୍ଷରୁ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଓଏମସି ଗନ୍ଧମାର୍ଦ୍ଦନ ଲୌହଖଣିର ଆଞ୍ଚଳିକ ପରିଚାଳକ ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟଅତିଥିଭାବେ ଯୋଗଦେଇ ଭଜନ ସମାରୋହକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନ କଣ୍ଠଶିଳ୍ପୀ ରବୀନ୍ଦ୍ର ମହାପାତ୍ର ଏବଂ ୨ୟଦିନ ସୁବାସ ଦାସ ଭଜନ ପରିବେଷଣ କରିଥିଲେ। ଏହି ଉପଲକ୍ଷେ ସମ୍ପାଦକ ଅଞ୍ଜନ କୁମାର ବେଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଏମସି ମାଇନ୍ସ ମ୍ୟାନେଜର ଅମ୍ବିକା ମହାପାତ୍ର, ପୂର୍ବତନ ଏମପି ମାଧବ ସର୍ଦ୍ଦାର, ବିଜେଡି ରାଜ୍ୟ ସମ୍ପାଦକ ଆଶିଷ ଚକ୍ରବର୍ତ୍ତୀ, କଳିଙ୍ଗ କମର୍ସିଆଲ କର୍ପୋରେଶନ ଲିଃର ଏଚ୍‌ଆର ମ୍ୟାନେଜର ଅକ୍ଷୟ କୁମାର ପାଲ,ଶୁଆକାଟୀ ସରପଞ୍ଚ ପଞ୍ଚାନନ ବାରିକ, କୁମୁଣ୍ଡି ସରପଞ୍ଚ ସୁକାନ୍ତୀ ଦେହୁରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶୁଆକାଟୀ, ତଳକଇଁସାରୀ ଏବଂ କୁମୁଣ୍ଡି ପଞ୍ଚାୟତର ୧୦୦ଟି ସ୍ୱେଚ୍ଛାସେବୀ ସଂଗଠନକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିର ସଭାପତି ବାବାଜୀ ଚରଣ ବାରିକ, ନିର୍ଦ୍ଦେଶକ ଉମାକାନ୍ତ ବିନ୍ଧାଣି, ସୁରେଶ କୁମାର ପାତ୍ର, ସୁଶାନ୍ତ ବାରିକ, ଜନାର୍ଦ୍ଦନ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜୀବନରେଖା ଏବେ ବିପଦପୂର୍ଣ୍ଣ ପଥ



ଜାତୀୟ ରାଜପଥରେ ଟ୍ରାଫିକ୍ ଜାମ୍।

- ମନ୍ଥର ଗତିରେ ଚାଲିଛି ୫୨୦ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ
- ନିର୍ଦ୍ଧାରିତ ସମୟରେ କାମ ନ ସରିବା ଆଶଙ୍କା
- ଟ୍ରାଫିକ ଜାମ୍ ସମସ୍ୟା ଚିନ୍ତା ବଢ଼ାଇଛି

କେନ୍ଦୁଝର, ୨୦।୯ (ସ୍ୱ.ପ୍ର.)

କେନ୍ଦୁଝର ଜିଲାର ଖଣିଖାଦାନ ଇଲାକା ଯୋଡା ଓ ବଡବିଲ ଅଞ୍ଚଳର ଜୀବନରେଖା କୁହାଯାଉଥିବା ୫୨୦ ନମ୍ବର ଜାତୀୟ ରାଜପଥ ଖଣିଜ ଦ୍ରବ୍ୟ ପରିବହନ କାରଣରୁ ଏବେ ମରଣଯନ୍ତା ପାଲଟିଛି। ବିଭିନ୍ନ ସ୍ଥାନରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ଏହାକୁ ୪ ଲେନ ବିଶିଷ୍ଟ ରାସ୍ତାରେ ପରିଣତ କରିବା ସକାଶେ ଆରମ୍ଭ ହୋଇଥିବା ନିର୍ମାଣ କାମରେ ଅଯଥା ବିଳମ୍ବ ଘଟୁଥିବାରୁ ଏହା ଅଧିକ ବିପଦସଙ୍କୁଳ ହୋଇପଡିଛି। ଟ୍ରାଫିକ୍ ଜାମ୍ ସମସ୍ୟା ନିତିଦିନିଆ ହୋଇଥିବାରୁ ଏହି ରାସ୍ତା ଦେଇ ଲୋକେ ଯାତାୟାତ କରିବାକୁ ନିରାପଦ ମଣୁନାହାନ୍ତି।

୫୨୦ ନଂ. ଜାତୀୟ ରାଜପଥରେ ରିମୁଳିଠାରୁ କୋଇଡା ପର୍ଯ୍ୟନ୍ତ ପ୍ରାୟ ୪୩ କି.ମି. ରାସ୍ତା କେନ୍ଦୁଝର ଜିଲାରେ ରହିଛି । ଏହାକୁ ୪ ଲେନ ରାସ୍ତାରେ ପରିଣତ କରିବାଲାଗି ଏବେ ନିର୍ମାଣ କାମ ଚାଲିଛି । ଉକ୍ତ ରାସ୍ତା ଦେଇ ପ୍ରତ୍ୟହ ଲୋକେ ଯୋଡା, ବଡ଼ବିଲ, ଗୁଆଲି, କୋଇଡା ଆଦି ଖଣିଖାଦାନ ଅଞ୍ଚଳକୁ ଯାତାୟାତ କରିଥାନ୍ତି । ବର୍ତ୍ତମାନ ବିଭିନ୍ନ ବଡ଼ ବଡ଼ ଖଣି ସଂସ୍ଥାର ଲୁହାପଥର ବୋଝେଇ ଟ୍ରକ, ଟ୍ରେଲର,ଟିପ୍ପର ଆଦି ଯିବା ଆସିବା କରିବା ଯୋଗୁ ରାସ୍ତା କ୍ଷତିଗ୍ରସ୍ତ ହେବା ସହ ଟ୍ରାଫିକ ଜାମ ସମସ୍ୟା ମୁଣ୍ଡ ଟେକିଛି। ରାସ୍ତା ସମସ୍ୟା ନେଇ ଜନ ଅସନ୍ତୋଷ ବଢ଼ିବା ସତ୍ତ୍ୱେ ପ୍ରଶାସନ ଏହାକୁ ରୋକିପାରୁ ନାହିଁ କି କିଛି ପ୍ରତିକାର କରିପାରୁ ନାହିଁ । ନିର୍ମାଣାଧୀନ ରାସ୍ତାରେ ଧୂଳି ଉଡ଼ି ପ୍ରଦୂଷଣ ସମସ୍ୟା ସୃଷ୍ଟି କରୁଛି। ଏଥିଲାଗି ଯାତାୟାତ କରୁଥିବା ଯାତ୍ରୀଙ୍କ ସମେତ ରାସ୍ତାକଡ଼ରେ ରହୁଥିବା ଗ୍ରାମବାସୀ ଅକଥନୀୟ ଦୁର୍ଦ୍ଦଶା ଭୋଗ କରୁଛନ୍ତି। ରାସ୍ତା କାମ ମନ୍ଥର ଗତିରେ ଚାଲିଥିବା ଏବଂ ବିଭିନ୍ନ ସ୍ଥାନରେ ରାସ୍ତା, ପୋଲ କାମ ଆରମ୍ଭ ହୋଇ ନ ଥିବାରୁ ନିର୍ଦ୍ଧାରିତ ସମୟରେ ରାସ୍ତା ନିର୍ମାଣ ଶେଷ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି । ବାସୁଦେବପୁର ନିକଟ ବୈତରଣୀ ନଦୀରେ ପୋଲ ନିର୍ମାଣ କାମ ହୋଇ ନ ଥିବା ବେଳେ ଲହଣ୍ଡା ନିକଟରେ ସୋନା ନଦୀ କଡ ଓ ରେଳଲାଇନ ତଳେ ଯାଇଥିବା ରାସ୍ତା କାମ ଆରମ୍ଭ ହୋଇନାହିଁ । ଫଳରେ ଏସବୁ ସ୍ଥାନରେ ଟ୍ରାଫିକ ଜାମ ସମସ୍ୟା ସବୁବେଳେ ଲାଗି ରହୁଛି । ପୋଲରେ ବାଡା ନ ଥିବାରୁ ଯାନବାହନ ନଦୀ ତଳକୁ ଖସିପଡିବା ଆଶଙ୍କା ରହୁଛି । ସେହିପରି ଭଦ୍ରାସାହିରୁ ଗୁଆଲି ପର୍ଯ୍ୟନ୍ତ ଗଛ କଟା କାମ ଏବଂ ଜମି ଅଧିଗ୍ରହଣ ସରି ନ ଥିବାରୁ ରାସ୍ତା କାମ ଆରମ୍ଭ ହୋଇନାହିଁ। ବୈତରଣୀ ନଦୀ ଉପରେ ପୋଲ ନିର୍ମାଣ ହେଉ ନ ଥିବାରୁ ସେଠାରେ ମଧ ସବୁବେଳେ ଟ୍ରାଫିକ ଜାମ ଲାଗି ରହୁଛି ।

୫୪୦ କୋଟି ବ୍ୟୟ ଅଟକଳରେ ନିର୍ମାଣ ହେଉଥିବା ଏହି ରାସ୍ତା ୨୦୨୦ ଡିସେମ୍ବର ସୁଦ୍ଧା ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ଏନଏଚଏଆଇ ପକ୍ଷରୁ କୁହାଯାଇଛି । ବର୍ତ୍ତମାନ ସୁଦ୍ଧା ମାତ୍ର ୨୫ରୁ ୩୦ ପ୍ରତିଶତ କାମ ସରିଛି। ଏଣୁ ନିର୍ଦ୍ଧାରିତ ସମୟରେ କାମ ଶେଷ ହେବା ନେଇ ଅନିଶ୍ଚିତତା ପ୍ରକାଶ ପାଇଛି । ସେହିପରି ଉପଯୁକ୍ତ ତଦାରଖ ଅଭାବରୁ ଅନେକ ସ୍ଥାନରେ କାମର ମାନ ଠିକ ରହୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। କେତେକ ସ୍ଥାନରେ ବିନା ସତର୍କ ସୂଚନାରେ ରାସ୍ତା ଓ ପୋଲ କାମ କରାଯାଉଛି। ରାସ୍ତାରୁ ଧୂଳି ଉଡ଼ି ପରିବେଶ ପ୍ରଦୂଷିତ ହେଉଥିଲେ ମଧ ପାଣି ସିଞ୍ଚନ କରାଯାଉ ନାହିଁ। ଏ ସମ୍ପର୍କରେ ଏନଏଚଏଆଇ, ରାଉରକେଲା ସୌରଭ ଚୌରାସିଆଙ୍କୁ ପଚାରିବାରୁ କହିଛନ୍ତି, ଟ୍ରାଫିକ ଜାମ୍ ସମସ୍ୟା ଯୋଗୁ ରାସ୍ତା କାମ ଠିକ ଭାବେ ହୋଇ ପାରୁନାହିଁ । ପାଣି ସିଞ୍ଚନ ହେଉ ନ ଥିଲେ କରାଯିବ । ବୈତରଣୀ ନଦୀର ପୋଲି କାନପୁର ଜଳସେଚନ ପ୍ରକଳ୍ପର କ୍ୟାଚମେଣ୍ଟ ଏରିଆରେ ରହିଥିବାରୁ ପୋଲ ନିର୍ମାଣରେ ଜଳସମ୍ପଦ ବିଭାଗ ସମସ୍ୟା ସୃଷ୍ଟି କରୁଛି। ତେବେ ଏ ନେଇ ଆଲୋଚନା ଚାଲିଛି। ଶୀଘ୍ରାତିଶୀଘ୍ର ଏହାର ସମସ୍ୟା ସମାଧାନ ହେବ ବୋଲି ଆଶା କରାଯାଉଛି। ଲହଣ୍ଡା ନିକଟରେ ପୋଲ ତଳେ ଯାଇଥିବା ରାସ୍ତା ପାଇଁ ପାହାଡ କଟାଯାଇ ବା ନଦୀ ଉପରେ ପୋଲ ନିର୍ମାଣ କରି ରାସ୍ତା ନିର୍ମାଣ ହେବ ବୋଲି ସେ କହିଛନ୍ତି।

### କଲେଜ ଛାତ୍ରୀଙ୍କୁ କମେଣ୍ଟ ମାରି ଛେଚା ଖାଇଲେ ଯୁବକ

ହାଟଡିହୀ, ୨୦।୯(ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକସ୍ଥିତ ଏକ ମହାବିଦ୍ୟାଳୟର ଜଣେ କଲେଜ ଛାତ୍ରୀଙ୍କୁ ଜଣେ ଅଣଛାତ୍ର କମେଣ୍ଟ ମାରି ଛେଚା ଖାଇଛନ୍ତି। ଯୁବକ ଜଣକ କମେଣ୍ଟ ମାରିବାରୁ ଛାତ୍ରୀ ଜଣଙ୍କ ଏହାର ପ୍ରତିବାଦ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ଯୁବକ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏନେଇ ଛାତ୍ରୀ ଜଣଙ୍କ ନିଜ ସମ୍ପର୍କୀୟଙ୍କୁ ଜଣାଇବା ପରେ ସ୍ଥାନୀୟ ଲୋକେ ଏକଜୁଟ୍ ହୋଇ ଯୁବକ ଜଣଙ୍କୁ ଧରିଥିଲେ। ତାଙ୍କ ସହ ଥିବା ଅନ୍ୟ ୩ ଜଣ ବି ଧରାପଡି ମାଡଖାଇଥିଲେ। ଶେଷରେ କମେଣ୍ଟ ମାରିଥିବା ଅଣଛାତ୍ର ଭୁଲ ମାଗି ଛାଡ ପାଇଥିଲେ। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ ।

### ବେଆଇନ ବାଲି ପରିବହନ: ଟ୍ରାକ୍ଟରକୁ ଧରିଲେ ତହସିଲଦାର

ହାଟଡିହୀ,୨୦।୯(ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହୀ ତହସିଲଦାର ଗାୟତ୍ରୀ ସୋରେନ ମରୈଗାଁ – ଶଙ୍ଖଣା ରାସ୍ତାର ମରୈଗାଁ ନିକଟରେ ବେଆଇନ ବାଲି ପରିବହନ କରୁଥିବା ଏକ ଟ୍ରାକ୍ଟରକୁ ତହସିଲଦାର ଧରି ଜରିମାନା ପାଇଁ ନୋଟିସ ଜାରି କରଛନ୍ତି। ଏଥିପୂର୍ବରୁ ବିଭିନ୍ନ ସ୍ଥାନରେ ଚଢାଉ କରି ବେଆଇନ ବାଲି ପରିବହନ କରୁଥିବା ଗାଡିକୁ ଧରି ଜରିମାନା ଆଦାୟ କରାଯାଇଛି।

■ ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା

## ଅଭିଯୁକ୍ତ ଯୁବକ ଗିରଫ

ପାଟଣା, ୨୦।୯(ସ୍ୱ.ପ୍ର.)

ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର କରି ପ୍ରତାରଣା କରିବା ଅଭିଯୋଗରେ କେନ୍ଦୁଝର ଜିଲା ପାଟଣା ଥାନା ପୋଲିସ ଅଭିଯୁକ୍ତ ପଞ୍ଚୁ ହେମ୍ବ୍ରମ (୨୪)ଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ପଞ୍ଚୁ ପୂର୍ବରୁ ବିବାହ କରିଥିଲେ ମଧ ଜଣେ ୧୮ବର୍ଷୀୟା ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିଲେ। ପୀଡ଼ିତା ବଳାତ୍କାରର ଶିକାର ହେବା ପରେ ଗର୍ଭବତୀ ଥିବା ଥାନାରେ ଅଭିଯୋଗ ହୋଇଛି।

ପୋଲିସ ଗଣମାଧ୍ୟମକୁ ଏହି ସୂଚନା ଦେଇ କହିଛି ଯେ, ଗିରଫ ଅଭିଯୁକ୍ତଙ୍କ ଘର ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଖଡ଼ବନ୍ଧ ପଞ୍ଚାୟତ କୁଚେଇକୁଦର ଗ୍ରାମରେ। ସେ ସାହାରପଡା ବ୍ଲକ ଅଞ୍ଚଳର ଜଣେ କଲେଜ ପଢୁଆ ଛାତ୍ରୀଙ୍କୁ ପ୍ରେମ ଜାଲରେ ଫସାଇ ବିବାହ ପ୍ରଲୋଭନ ଦେଖାଇଥିଲେ। ଗତ ଫେବୃୟାରୀ ୨୮ ତାରିଖ ଏହି ଛାତ୍ରୀ ସାଇକେଲରେ କଲେଜ ଯାଉଥିବା ବେଳ ଏକ ନଦୀ ନିକଟରେ ପଞ୍ଚୁ ତାଙ୍କୁ ଅଟକାଇ ନିକଟସ୍ଥ ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ। ପରିବାର ଲୋକେ ଘଟଣା ସମ୍ପର୍କରେ ଜାଣିବା ପରେ ଗତ ଗୁରୁବାର ପାଟଣା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଶୁକ୍ରବାର ପୀଡିତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀ ପରୀକ୍ଷା କରାଇ ଏ ନେଇ ଏକ ମାମଲା( ନଂ. ୧୨୪/୧୯ ) ରୁଜୁ କରିଛି। ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ପୋଲିସ ପଚରାଉଚୁରା ସହ ଡାକ୍ତରୀ ମାଇନା କରାଇ କୋର୍ଟ ଚାଲାଣ କରିଥିବା ଘଟଗାଁ ଏସଡିପିଓ ରବୀନ୍ଦ୍ର ମଲ୍ଲିକ ସୂଚନା ଦେଇଛନ୍ତି।



ଗିରଫ ପଞ୍ଚୁ ହେମ୍ବ୍ରମ।

### ଚୋରି ଟ୍ରକର ସନ୍ଧାନ ମିଳିଲା

ବଡବିଲ, ୨୦।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ୧୦ ନମ୍ବର ରାଜ୍ୟ ରାଜପଥ କଡରୁ ଗୁରୁବାର ଭୋର ସମୟରେ ବିନିତ ବନସାଲ ନାମକ ଜଣେ ବ୍ୟକ୍ତିଙ୍କର ଏକ ହାଇଭା ଟ୍ରକ ଚୋରି ହୋଇଥିଲା। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହାମଧ୍ୟରେ ପୋଲିସ ସୁନ୍ଦରଗଡ ଜିଲା କୋଇଡା ଥାନା ଅଞ୍ଚଳର ଛୋଟୁ ଓରଫ୍ ଗୁରୁଦେବ ଗୁପ୍ତାଙ୍କୁ ଗିରଫ କରି ଚୋରିଯାଇଥିବା ଟ୍ରକ ଝାଡଖଣ୍ଡ ରାଜ୍ୟ ପୋଟକା ଥାନା ଅଞ୍ଚଳରେ ଥିବା ସୂଚନା ପାଇଛି। ଉକ୍ତ ଟ୍ରକଟିକୁ ଉଦ୍ଧାର କରିବା ଲାଗି ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଗସ୍ତ କରିଥିବା ଜଣାପଡିଛି।

### ଚୟନ କାର୍ଯ୍ୟରେ ଅନିୟମିତତା

ତେଲକୋଇ,୨୦।୯(ଡି.ଏନ.ଏ.)

ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ନୋଡାଲ ସ୍କୁଲର ଛାତ୍ରୀଛାତ୍ରଙ୍କୁ ସ୍ୱେଚ୍ଛାସେବୀ ସଂସ୍ଥା ଜରିଆରେ ନେବା ଆଣିବା କରିବା ଲାଗି ସରକାରୀସ୍ତରରେ ଯୋଜନା କରାଯାଇଛି। କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଅଧୀନରେ ଏହି କାର୍ଯ୍ୟ ପରିଚାଳନା ଲାଗି ଏବେ ପ୍ରଶାସନ ଜରିଆରେ ପ୍ରାର୍ଥୀ ଚୟନ କରାଯାଉଛି। ଏବେ ଦେଉଳଡିହା ପଞ୍ଚାୟତରେ ପ୍ରାର୍ଥୀ ଚୟନ କାର୍ଯ୍ୟରେ ଯୋଗ୍ୟ ପ୍ରାର୍ଥୀଙ୍କୁ ବାଦ୍ ଦେବା ଭଳି ଅନିୟମିତତା ହେଉଥିବା ସୁଶାନ୍ତ କୁମାର ସାହୁ, ଅମରେଶ ଚନ୍ଦ୍ର ବୋଇତା, ସୁମିତ୍ରା ସାହୁ, ଭବାନୀ ବେହେରା ଓ ମଣ୍ଟୁ ସାହୁ ପ୍ରମୁଖ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ବିଡିଓ ଦିଲୀପ କୁମାର ବାରାଙ୍କୁ ପଚାରିବାରୁ ସେ ଅଭିଯୋଗ ପାଇବା ପରେ ଜିଲା ପ୍ରଶାସନକୁ ଅବଗତ କରାଇଥିବା କହିଛନ୍ତି।

## ମହିଳା ମହାବିଦ୍ୟାଳୟରେ ଆଇନ ସଚେତନତା ଶିବିର




କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

କେନ୍ଦୁଝର, ୨୦।୯(ଡି.ଏନ୍.ଏ.)

କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ଜିଲା ଆଇନସେବା ପ୍ରାଧିକରଣ ସୌଜନ୍ୟରେ 'ଏସିଡ୍ ଆକ୍ରମଣ ପୀଡ଼ିତା ଯୋଜନା ୨୦୧୬' ଶୀର୍ଷକରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ୩ଶହରୁ ଊର୍ଦ୍ଧ୍ୱ ଛାତ୍ରୀ ଓ ଅଧ୍ୟାପିକାମାନେ ଶିବିରରେ ଯୋଗ ଦେଇଥିଲେ। ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ବିଚାରପତି ରାମନାଥ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧିକରଣ ସଚିବ ବନାଲି ତ୍ରିପାଠୀ,ଦେୱାନୀ ବିଚାରପତି ସ୍ୱର୍ଣ୍ଣଲତା ନାୟକ, ଉପଖଣ୍ଡୀୟ ବିଚାରପତି ପବିତ୍ରାନନ୍ଦ ପ୍ରଧାନ, ପ୍ରଥମଶ୍ରେଣୀ କନିଷ୍ଠ ବିଚାରପତି ବିରଜା ପଣ୍ଡା, ଐଶ୍ୱର୍ଯ୍ୟା କର, ସିପ୍ରା ପ୍ରିୟଦର୍ଶିନୀ, ସରକାରୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ସଦାଶିବ ମହାରଣା, ଜିଲା ଚିକିତ୍ସାଳୟର ମାନସିକ ରୋଗ ବିଶେଷଜ୍ଞ ନିହାର ରଥ ପ୍ରମୁଖ ଯୋଗ ଦେଇଥିଲେ। ସଚିବ ବନାଲି ତ୍ରିପାଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶେଷରେ ପାରାଆଇନ ସ୍ୱେଚ୍ଛାସେବୀ ତଥା ତଦାଶା ଜନସମ୍ପର୍କ ଅଧିକାରୀ ଅକ୍ଷୟ କୁମାର ଚକ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମୃତ କର୍ମଚାରୀଙ୍କ ପରିବାର ସଦସ୍ୟଙ୍କୁ ମିଳୁନି ନିଯୁକ୍ତି

କେନ୍ଦୁଝର, ୨୦।୯ (ସ୍ୱ.ପ୍ର)

ଓଡ଼ିଶା ସରକାରଙ୍କ ୧୯୬୦ ସର୍ଭିସ ଆକ୍ଟ ଅନୁଯାୟୀ କୌଣସି କାର୍ଯ୍ୟରତ କର୍ମଚାରୀଙ୍କ ମୃତ୍ୟୁ ଘଟିଲେ, ତାଙ୍କ ପରିବାରରେ ଜଣଙ୍କୁ କାର୍ଯ୍ୟରେ ନିଯୁକ୍ତି ଦେବା ବ୍ୟବସ୍ଥା ରହିଛି । ଏହି ନିୟମକୁ ଠିକ ଭାବରେ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ମୃତ କର୍ମଚାରୀଙ୍କ ପରିବାରର ସଦସ୍ୟମାନେ ନିଯୁକ୍ତି ସୁଯୋଗରୁ ବଞ୍ଚିତ ହେଉଛନ୍ତି। ବିଶେଷକରି ଶିକ୍ଷା ବିଭାଗରେ ୨୦୧୫ରୁ ୨୦୧୯ ମଧ୍ୟରେ ମାତ୍ର ୬ ଜଣ ଏହି ଯୋଜନାରେ ନିଯୁକ୍ତି ପାଇଛନ୍ତି। ଆବେଦନକାରୀଙ୍କ ସଂଖ୍ୟା ପାଖାପାଖି ୧୫୦ ହେବ । ବିଭାଗପକ୍ଷରୁ ଯେଉଁମାନଙ୍କୁ ନିଯୁକ୍ତି ମିଳିଛି, ସେମାନଙ୍କୁ କେଉଁ ଆଧାରରେ ଚୟନ କରାଯାଇ ଅନ୍ୟମାନଙ୍କୁ ଉପେକ୍ଷା କରାଯାଇଛି, ତାହାର ତଦନ୍ତ କରିବାକୁ ଆବେଦନକାରୀମାନେ ଦାବି କରିଛନ୍ତି। ଏପରିକି ଆବେଦନକାରୀଙ୍କ ମଧ୍ୟରୁ ପ୍ରାୟ ୪୦ ଜଣ ଜିଲାପାଳଙ୍କଠାରୁ ଆର୍ଥିକ ଅନଗ୍ରସର ପ୍ରମାଣପତ୍ର ପାଇଥିବା କୁହାଯାଉଛି। ପେନସନ ଓ ଅନ୍ୟ ସୁବିଧା ପାଉ ନ ଥିବା ମୃତକଙ୍କ ପରିବାରଙ୍କୁ ଏହି ଯୋଜନାରେ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେବାକୁ ଦାବି ହେଉଥିଲେ ମଧ ଏହାକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି । ଏ ନେଇ ଜିଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ରଙ୍କୁ ପଚାରିବାରୁ କହିଛନ୍ତି, ସରକାରଙ୍କ ନୂଆ ନିୟମ ଅନୁଯାୟୀ ସମସ୍ତ ଆବେଦନକାରୀଙ୍କ ପରିବାରର ଅବସ୍ଥାକୁ ଦୃଷ୍ଟିରେ ରଖି ତାଲିକା ପ୍ରସ୍ତୁତ କରାଯାଉଛି । ଏକ କମିଟି ଦ୍ୱାରା ତାଲିକା ପ୍ରସ୍ତୁତ ହେବା ପରେ ନିଯୁକ୍ତି ଦିଆଯାଉଛି । ତେବେ ଅଭିଯୋଗ ପ୍ରତି ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି।

### ପ୍ରମାଣ ଅଭାବରୁ ଅଭିଯୁକ୍ତ ଖଲାସ

ଆନନ୍ଦପୁର, ୨୦।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘଷିପୁରା ଗ୍ରାମ୍ୟ ନ୍ୟାୟାଳୟ ପକ୍ଷରୁ ଶୁକ୍ରବାର ଜି.ଆର.ଜି.ଏନ. ୨୪୪/୨୦୧୭ ମାମଲାର ବିଚାର କରାଯାଇ ଉପଯୁକ୍ତ ପ୍ରମାଣ ଅଭାବରୁ ୫ ଅଭିଯୁକ୍ତକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଘସିପୁରା ଥାନା ଅଧୀନ ଦୀପପାଳ ଗ୍ରାମର କାର୍ତ୍ତିକ ସାହୁ ତା୧୭।୧୦।୨୦୧୭ ରିଖରେ ଘସିପୁରା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ପୋଲିସ ଦଫ ୩୮୩, ୨୯୪, ୩୨୩, ୫୦୬, ୩୫୪, ୩୪୧ ଓ ୩୪ ଆଇପିସିରେ ମାମଲା ରୁଜୁ କରି ସଂପୃକ୍ତ ଗ୍ରାମର ଗଙ୍ଗାଧର ସାହୁ ଓ ଅନ୍ୟ୪ ଜଣଙ୍କୁ ଗିରଫ କରି ବିଚାରବିଭାଗୀୟ ହାଜତକୁ ପଠାଇଥିଲା। ଶୁକ୍ରବାର ଏହି ମାମଲାର ବିଚାର କରାଯାଇ ପ୍ରମାଣ ଅଭାବରୁ ସମସ୍ତ ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି। ଆଇନଜୀବୀ କୁଳମଣି ସେଠୀ ମାମଲା ପରିଚାଳନା କରୁଥିଲେ।

■ ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନର ବୈଠକ

## ମାସିକ ପେନ୍‌ସନ ୭୫୦୦ ଟଙ୍କାକୁ ବୃଦ୍ଧି ଦାବି




ପେନସନ୍‌ର୍ସ ଆସୋସିଏଶନର ବୈଠକରେ ଉପସ୍ଥିତ କର୍ମକର୍ତ୍ତା ଓ ସଦସ୍ୟମାନେ।

ହାଟଡିହୀ, ୨୦।୯(ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ରାମଚଣ୍ଡିଠାରେ ଅଲ୍ ଓଡିଶା ଇପିଏଫ ପେନ୍‌ସନର୍ସ ଆସୋସିଏଶନର ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ରଞ୍ଜନ କୁମାର ଖଣ୍ଟିଆ ଓ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, ଯୁଗ୍ମ ସମ୍ପାଦକ ଶରତ କୁମାର ପାଣି, ସଭ୍ୟ ବିକ୍ରମ ଛୋଟରାୟ, କୃଷ୍ଣଚନ୍ଦ୍ର ମହାନ୍ତି, ସଚ୍ଚିରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ସର୍ବନିମ୍ନ ମାସିକ ପେନସନ୍ ୭୫୦୦ ଟଙ୍କାକୁ ବୃଦ୍ଧି, ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନସନ୍ ପ୍ରଦାନ, ସମସ୍ତ ଇପିଏଫ ପେନସନରଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ମାଗଣାରେ ଚିକିତ୍ସା ପ୍ରଦାନ କରିବା ଆଦି ଦାବି ନେଇ ବୈଠକରେ ଆଲୋଚନା ହୋଇଥିଲା। କୈଳାସ ରାଉତ, ଗୋକୁଳ ଚରଣ ରାଉତ, କୃଷ୍ଣ ଚନ୍ଦ୍ର ନାୟକ, ମଧୁସୁଦନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପରିବେଶ ସୁରକ୍ଷା ସଚେତନତା, ଚାରାରୋପଣ

ପାଟଣା, ୨୦।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ସ୍ଥିତ ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ସାମାଜିକ ଉନ୍ନୟନ ପରିଷଦ, ତୁରୁମୁଙ୍ଗା ତରଫରୁ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସହ ଚାରାରୋପଣ କରାଯାଇଥିଲା। ସଂସ୍ଥାର କର୍ମକର୍ତ୍ତାଙ୍କ ସମେତ ଛାତ୍ରୀଛାତ୍ର ମିଶି ବିଭିନ୍ନ ଔଷଧୀୟ ବୃକ୍ଷ, ଫୁଲ ଓ ଫଳ ଚାରାରୋପଣ କରିଥିଲେ। ସନ୍ତୋଷ ବାରିକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷ ଶରତ ଚନ୍ଦ୍ର ମହାନ୍ତ ମୁଖ୍ୟଅତିଥି, ଗୋପୀନାଥ ସାହୁ, ଅଖିଳ ଚନ୍ଦ୍ର ନାୟକ, ଡ଼. କୁଳମଣି ପ୍ରଧାନ ଓ ଅନାମଚରଣ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ଉପାନ୍ତ ଅଞ୍ଚଳରେ ପାନୀୟ ଜଳକଷ୍ଟ

ତେଲକୋଇ, ୨୦।୯(ଡି.ଏନ.ଏ.)

କେନ୍ଦୁଝର ଜିଲା ତେଲକୋଇ ବ୍ଲକର ଉପାନ୍ତ ଅଞ୍ଚଳରେ ଥିବା କାଳିଆହତା, ବଳଭଦ୍ରପୁର ଓ ପୁରୁଜୋଡା ପଞ୍ଚାୟତ ଅଧୀନ ବିଭିନ୍ନ ଗାଁଗଣ୍ଡାରେ ପାନୀୟ ଜଳକଷ୍ଟ ସବୁଦିନିଆ ଘଟଣା ପାଲଟିଛି। ସ୍ୱଜଳଧାରା ଯୋଜନାରେ ସ୍ୱଚ୍ଛ ପାନୀୟଜଳ ଯୋଗାଣ ଲାଗି ସରକାର ଯୋଜନା କରିଥିବା ବେଳେ ଏହି ବ୍ୟବସ୍ଥା ଉପାନ୍ତ ଅଞ୍ଚଳରେ ପ୍ରହସନ ପାଲଟିଛି। କେତେକ ସ୍ଥାନରେ ପାଣି ଟାଙ୍କି ତିଆରି ସରିଥିଲେ ମଧ ତାହା କାର୍ଯ୍ୟକ୍ଷମ ହୋଇ ପାରୁ ନାହିଁ । ସେହିଭଳି ଅନ୍ୟ କେତେକ ସ୍ଥାନରେ କାମ ଅଧାପନ୍ତରିଆ ହୋଇ ରହିଛି।

କାଳିଆହତା ଗ୍ରାମବାସୀ ଦର୍ଶାଇଛନ୍ତି ଯେ, ୧୯୧୪ରେ ସ୍ୱଜଳଧାରା ଯୋଜନାରେ ଗାଁ ପ୍ରକଳ୍ପ କାମ ଆରମ୍ଭ କରାଯିବାରୁ ଜଳକଷ୍ଟ ସବୁଦିନ ଦୂର ହେବ ବୋଲି ସେମାନେ ଭାବିଥିଲେ। ଏହି ଆଶା ନିରାଶାରେ ପରିଣତ ହୋଇଛି। ବଳଭଦ୍ରପୁର ପଞ୍ଚାୟତରେ ୧୯୧୭ରେ ଏବଂ ପୁରୁଯୋଡା ପଞ୍ଚାୟତରେ ୧୯୧୮ରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇଥିଲେ ବି ଅଦ୍ୟାବଧି ଲୋକେ ପାନୀୟଜଳ ପାଇବାରୁ ବଞ୍ଚିତ ରହିଛନ୍ତି। ପୁରୁଯୋଡା ପଞ୍ଚାୟତ ମୁଖ୍ୟାଳୟ ଛାଡି ବେଣାମୁଣ୍ଡା ଗ୍ରାମର ଉକ୍ତ ଯୋଜନା ସମ୍ପୂର୍ଣ୍ଣ ବିଫଳ ହୋଇଛି। ଜିଲା ପରିଷଦ ସଦସ୍ୟା କମଳିନୀ ଦଣ୍ଡପାଟ ଏ ସମ୍ପର୍କରେ ବାରମ୍ବାର ଜିଲା ଅଧିକାରୀଙ୍କୁ ଜଣାଇ ଆସୁଥିଲେ ବି କୌଣସି ପ୍ରତିକାର ହେଉ ନାହିଁ । ବଳଭଦ୍ରପୁର ପଞ୍ଚାୟତ ନୂଆଗାଁରେ ହୋଇଥିବା ଜଳପ୍ରକଳ୍ପ କାମ ସରି ନ ଥିବାରୁ ଅଦ୍ୟାବଧି ତାହା କାର୍ଯ୍ୟକ୍ଷମ ହୋଇପାରିନାହିଁ । ଜିଲାପରିଷଦ ସଦସ୍ୟାଙ୍କ ସମେତ ପୂର୍ବତନ ଜିଲା ପରିଷଦ ସଭ୍ୟ ବିଦ୍ୟାଧର ରାଉଳ, କାଳିଆହତା ସରପଞ୍ଚ ବାଦିଲାଲ ପୂର୍ତ୍ତି, ପୁରୁଯୋଡା ସରପଞ୍ଚ ପରମେଶ୍ୱର ମୁଣ୍ଡା, ବଳଭଦ୍ରପୁର ସରପଞ୍ଚ ପ୍ରମୁଖ ଏ ନେଇ ପ୍ରତିକ୍ରିୟା ବ୍ୟକ୍ତ କରି ପାନୀୟଜଳ ଯୋଗାଣ ଅବ୍ୟବସ୍ଥା ଦୂର ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।



ପୁରୁଯୋଡାଠାରେ ନିର୍ମିତ ପାଣିଟାଙ୍କି କାର୍ଯ୍ୟକ୍ଷମ ହୋଇପାରି ନାହିଁ ।